## ସଂକ୍ଷେପରେ

### ଗାଡ଼ି ଜାଳିଦେଲେ ମାଓବାଦୀ

ମାଲକାନଗିରି,୩୦।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସୀମାନ୍ତ ଛତିଶଗଡ଼ ସୁକ୍ମା ଜିଲାରେ ପୁଣି ମାଓବାଦୀଙ୍କ ତୁମୁଳକାଣ୍ଡ ଦେଖିବାକୁ ମିଳିଛି। ସ୍ଥିତି ଜାହିର କରିବା ସହ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିବା ପାଇଁ ଗୋଟିଏ ପିକ୍‌ଅପ୍ ଗାଡ଼ିରେ ସଶସ୍ତ୍ର ମାଓବାଦୀ ନିଆଁ ଲଗାଇ ଦେଇଥିବା ଜଣାପଡିଛି । ସୂଚନା ଅନୁଯାୟୀ, ସୁକ୍ମା ଜିଲା ଦୁଲେଡ ଏବଂ ମୁକୁରାଜକୁଣ୍ଡା ମୁଖ୍ୟ ରାସ୍ତା ଦୁଲେଡ ଅଞ୍ଚଳ ଅଭିମୁଖେ ଯାଉଥିବା ଏକ ପିକ୍‌ଅପ୍ ଗାଡିକୁ ଦିନରେ ମାଓବାଦୀମାନେ ଅଟକାଇଥିଲେ। ଏହାପରେ ଉକ୍ତ ଗାଡି ଚାଳକଙ୍କୁ ଗାଡ଼ିରୁ ବାହାରକରି ସେଥିରେ ନିଆଁ ଲଗାଇ ଦେଇଥିଲେ। ଗାଡି ଜଳିବା ପରେ ମାଓବାଦୀମାନେ ସେଠାରୁ ଚାଲିଯାଇଥିବା ବେଳେ ସେହି ରାସ୍ତାରେ ଯାଉଥିବା ଲୋକେ ଏଥିରେ ଭୟଭୀତ ହୋଇ ପଡିଥିଲେ। ତେବେ ଏନେଇ ଖବର ପାଇ ପୋଲିସ ଓ ଯବାନମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରି ତଦନ୍ତ କରିଥିବା ଜଣା ପଡିଛି ।

### ସତ୍ୟସାଇ ସେବା ସମିତିର ଅମୃତ ବିନ୍ଦୁ କାର୍ଯ୍ୟକ୍ରମ



ଚିତ୍ରକୋଣ୍ଡା,୩୦।୩(କ୍ଷୀରେଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ସତ୍ୟସାଇ ମନ୍ଦିରଠାରେ ବ୍ଲଡ୍ ବ୍ୟାଙ୍କ କର୍ମଚାରୀଙ୍କ ସହଯୋଗରେ ଅମୃତ ବିନ୍ଦୁ ମାଧ୍ୟମରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସତ୍ୟସାଇ ସେବା ସମିତି ଉଦ୍ୟମରେ ୩୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ସତ୍ୟସାଇ ସେବା ସମିତି ଆବାହକ ଏମ୍. ଶିନିବାସ ନାୟକ ତଥା ବରିଷ୍ଠ କର୍ମୀ ଏମ୍. ଚିରଞ୍ଜୀବୀ ନାୟକ, ବଳରାମ ନାୟକ, ଶ୍ରୀରାମୁଲୁ, କେ. ଶ୍ରୀନିବାସ ରାଓ, ଏମ୍. ଧନଞ୍ଜୟ ନାୟକ ତଥା ବହୁ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇ ସଫଳ କରିଥିଲେ ।

### ୫ କୁଇଣ୍ଟାଲ ଗଞ୍ଜେଇ ସହ ପିକ୍‌ଅପ୍ ଜବତ



କାଳିମେଳା,୩୦।୩(ଜୀବନ କୃଷ୍ଣ ଦାସ)

ଆନ୍ଧ୍ରପ୍ରଦେଶକୁ ଏକ ପିକ୍‌ଅପ୍ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ କାଳିମେଳା ପୋଲିସ ଗାଡ଼ି ସହିତ ୫ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି । ଶନିବାର ଭୋରୁ କାଳିମେଳା ଥାନା ଅନ୍ତର୍ଗତ ସୁଧାଖୁଣ୍ଟା ଘାଟି ଅଞ୍ଚଳ ଦେଇ ଗଞ୍ଜେଇ ଗାଡ଼ି ଯାଉଥିବା କାଳିମେଳା ପୋଲିସକୁ ଖବର ମିଳିଥିଲା । ପୋଲିସ ସେଠାରେ ପହଞ୍ଚି ଗାଡି ଜବତ କରିଥିଲା। ପୋଲିସକୁ ଦେଖି ଗାଡ଼ି ଛାଡି ଡ୍ରାଇଭର ଫେରାର ହୋଇ ଯାଇଥିବା ଜଣାପଡିଛି। ପୋଲିସ ଗାଡ଼ି ସହିତ ଗଞ୍ଜେଇ ଜବତ କରି ଏକ ମାମାଲା ରୁଜୁ କରିଛି। ଗଞ୍ଜେଇ ଓଜନ ହେବା ପରେ ଏହା ୫ କୁଇଣ୍ଟାଲ ୨୦ କେଜି ଗଞ୍ଜେଇ ବାହାରିଥିଲା ।

### ୪୦ ଡିଗ୍ରୀ ଟପିଲା ମାଲକାନଗିରି ତାପମାତ୍ରା

ମାଲକାନଗିରି,୩୦।୩(ଦୁର୍ଯ୍ୟୋଧନ ପାତ୍ର)

ଗ୍ରୀଷ୍ମ ଆରମ୍ଭରୁ ମାଲକାନଗିରି ଜିଲାରେ ୪୦ ଡିଗ୍ରୀ ଟପିଛି ତାପମାତ୍ରା। ରାଜ୍ୟର ଉତ୍ତପ୍ତ ସହର ମଧ୍ୟରେ ମାଲକାନଗିଇର ଥିବା ବେଳେ ଶନିବାର ଜିଲାରେ ପାରଦ ୪୦ ଡିଗ୍ରୀ ପାର ହୋଇଛି। ଅସହ୍ୟ ଗରମରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ମଧ୍ୟାହ୍ନ ୧୨ ବେଳକୁ ରାସ୍ତା ଘାଟ ଓ ବଜାର ସୁନଶାନ ହୋଇଯାଉଛି। ତେବେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଆଗୁଆ ପ୍ରସ୍ତୁତି ରହିବା ସହ ଚିକିତ୍ସାଳୟରେ ଅଂଶୁଘାତ ଜନିତ ପ୍ରକୋଷ୍ଟ, ପାନୀୟ ଜଳ ଯୋଗାଣ ଉପରେ ଅଧିକ ଗୁରୁତ୍ୱ ଭଳି ଅନେକ ପଦକ୍ଷେପ ନେଇଛି ପ୍ରଶାସନ। ଜଲା ସଦର ସମେତ ବିଭିନ୍ନ ସ୍ଥାନରେ ବର୍ତ୍ତମାନ ଯାଏ ଜଳ ଛତ୍ରର ବ୍ୟବସ୍ଥା କରାଯାଇ ନ ଥିବା ବେଳେ ଦୂର ଦୂରାନ୍ତରୁ ଆସୁଥିବା ଲୋକେ ପାଣି ଟୋପେ ପାଇଁ ନାନା ସମସ୍ୟା ଭୋଗୁଛନ୍ତି। ବିଭିନ୍ନ ସ୍ଥାନରେ ଜଳ ସଙ୍କଟ ମଧ୍ୟ ଜିଲା ପ୍ରଶାସନ ପାଇଁ ସମସ୍ୟା ସୃଷ୍ଟି କରିବ ।

# ଫୁଲଚାଷ ପାଇଁ ଆଗ୍ରହୀ ହେଉନାହାନ୍ତି ଚାଷୀ

- ସରକାରୀ ପ୍ରୋତ୍ସାହନର ଅଭାବ
- ଶୀଘ୍ର ପ୍ରୋତ୍ସାହନ ରାଶି ଦିଆଯିବ: ଉଦ୍ୟାନ ଉପ ନିର୍ଦ୍ଦେଶକ

ମାଲକାନଗିରି, ୩୦।୩ (ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ଜିଲାରେ ଫୁଲଚାଷ ପାଇଁ ଭିତ୍ତିଭୂମି, ଉପଯୁକ୍ତ ଜଳବାୟୁ, ଉର୍ବର ମୃତ୍ତିକା ଥିବା ସତ୍ତ୍ୱେ ଏଠାରେ ଫୁଲ ଚାଷ ପାଇଁ ଚାଷୀମାନେ ଆଗ୍ରହ ଦେଖାଉନାହାନ୍ତି। ଜିଲାବାସୀ ବିଭିନ୍ନ ବିବାହ, ବ୍ରତ, ମାଙ୍ଗଳିକ କାର୍ଯ୍ୟ ଓ ସଭା ସମିତି ପାଇଁ ଫୁଲ ଖୋଜିଲେ ଆବଶ୍ୟକ ପରିମାଣରେ ମିଳୁନାହିଁ। ଫୁଲ ରାଜ୍ୟ ବାହାରୁ ଅଧିକ ଦାମ୍ ଦେଇ କିଣୁଛନ୍ତି। ବିଶେଷକରି ଆନ୍ଧ୍ରପ୍ରଦେଶର ବିଶାଖାପାଟଣା, ବିଜୟନଗରମ୍, ସାଲୁର, ଛତିଶଗଡ଼ ରାୟପୁର, ଜଗଦଲପୁର, ତେଲଙ୍ଗାନାର ହାଇଦ୍ରାବାଦ ଓ ସିକନ୍ଦରାବାଦ ଇତ୍ୟାଦି ସ୍ଥାନରୁ ଫୁଲ କ୍ରୟ କରାଯାଉଛି। ଉଦ୍ୟାନ, କୃଷି ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଚାଷୀଙ୍କୁ ଫୁଲ ଚାଷ ସମ୍ବନ୍ଧରେ ବିଭିନ୍ନ ଅଞ୍ଚଳରେ ତାଲିମ ଦିଆଯିବା ସହ ଉତ୍କୃଷ୍ଟ ଫୁଲଚାରା, ମୃତ୍ତିକା ପରୀକ୍ଷା, ଫୁଲଚାଷ ପାଇଁ ବିଭିନ୍ନ ପ୍ରଣାଳୀ, କୀଟନାଶକ ପ୍ରୟୋଗ, ଜୈବିକ ଖତ ସାର, ଇତ୍ୟାଦି ସମ୍ବନ୍ଧରେ ତାଲିମ ଦିଆଯାଉଥିଲେ ମଧ୍ୟ ସରକାରଙ୍କ ନିୟମ ଅନୁସାରେ ସେମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉ ନ ଥିବା ଏମ୍‌ଭି ୧୦ ଗ୍ରାମର ଚାଷୀ ସୁବାସ ଚନ୍ଦ୍ର ମଣ୍ଡଳ କହିଛନ୍ତି।

ମଣ୍ଡଳ ଆହୁରି କହିଛନ୍ତି, ଅଧ ଏକର ଜମିରେ ଫୁଲଚାଷ କରିବା ପାଇଁ ମାଲକାନଗିରି ଉଦ୍ୟାନ ବିଭାଗ ତରଫରୁ ମୋତେ ଚାରା ଯୋଗାଇ ଦିଆଯାଇଥିଲା। ନିଜସ୍ୱ ଖର୍ଚ୍ଚରେ ସେ ତାଙ୍କ ଜମିରେ ଗେଣ୍ଡୁଫୁଲ ଚାଷ କରିଥିଲେ। କିନ୍ତୁ ଆଜକୁ ୪ ମାସ ହେଲା ବିଭାଗର କୌଣସି ପଦାଧିକାରୀ ମୋର ଫୁଲ ଚାଷ କ୍ଷେତ୍ର ପରିଦର୍ଶନ କିମ୍ବା ବୈଷୟିକ ଜ୍ଞାନକୌଶଳ ଓ ଆର୍ଥିକ ପ୍ରୋତ୍ସାହନ ଦେଇନାହାନ୍ତି। ଫଳରେ ମୁଁ ଋଣ କରି ଏହି ଚାଷ କରିଛି। ତେବେ ଫୁଲର ଚାହିଦା ଥିବାରୁ ଦୀର୍ଘ ୫ କି.ମି.ରାସ୍ତା ଅତିକ୍ରମକରି ମାଲକାନଗିରି ସହରରେ ଫୁଲ ବ୍ୟବସାୟୀଙ୍କୁ କମ୍ ଦରରେ ବିକ୍ରି କରିବାକୁ ବାଧ ହେଉଛି। ସରକାର ମୋତେ ଆର୍ଥିକ ସହାୟତା ସହ ଏହି ଫୁଲ କ୍ଷେତରେ ଅଧିକ ଅମଳ ହୋଇ ପାରିବ ସେ ସମ୍ବନ୍ଧରେ ବୈଷୟିକ ସହାୟତା ଦେଲେ ଗେଣ୍ଡୁ ବ୍ୟତୀତ ଅନ୍ୟ ଫୁଲ ଚାଷ ମଧ୍ୟ କରିପାରିବି। ଅନ୍ୟ ଚାଷୀମାନେ ମୋର ଚାଷ ଦେଖି ଫୁଲଚାଷରେ ଆଗ୍ରହ ବଢ଼ାଇବେ । ବର୍ତ୍ତମାନ ନିର୍ବାଚନ ସମୟ, ବିଭିନ୍ନ ରାଜନୈତିକ ଦଳ ନେତାମାନଙ୍କ ପାଇଁ ଫୁଲମାଳର ଆବଶ୍ୟକତା ରହିଛି। ଏ ସମ୍ପର୍କରେ ଜିଲା ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାତ୍ରଙ୍କୁ ପଚାରିବାରୁ ସମସ୍ତ ଫୁଲ ଓ ଛତୁ ଚାଷୀଙ୍କୁ ସେମାନଙ୍କ ପ୍ରୋତ୍ସାହନ ରାଶି ସରକାରଙ୍କ ନିୟମ ଅନୁଯାୟୀ ଖୁବ୍ ଶୀଘ୍ର ଦିଆଯିବା ପାଇଁ ପ୍ରକ୍ରିୟା ଜାରି ରହିଛି। ଜିଲାରେ ଫୁଲଚାଷ ପାଇଁ ଚାରା ନେଇଥିବା ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଅର୍ଥ ଜମା କରାଯିବ ବୋଲି କହିଛନ୍ତି ।

# ପ୍ରୀତପାଲ ସିଂ ସଭାପତି ନିର୍ବାଚିତ



ନବନିର୍ବାଚିତ ଓକିଲ ସଂଘ କର୍ମକର୍ତ୍ତା

### ଜିଲା ଓକିଲ ସଂଘ ନିର୍ବାଚନ

ମାଲକାନଗିରି,୩୦।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରକ୍ରିୟା ସକାଳ ୮ ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ମୋଟ ୧୨୬ ଜଣ ଆଇନଜୀବୀ ମତଦାନ କରିଥିଲେ। ଏହାପରେ ଅପରାହ୍ନ ୪ଟାରେ ଭୋଟ ଗଣତି କରାଯାଇଥିଲା। ଏ ସମସ୍ତ ପ୍ରକ୍ରିୟା ସଂଘ ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ଯୋସେଫ ଜେମ୍ସ ଓ ସହକାରୀ ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ରଞ୍ଜିତ ସାନା ପରିଚାଳନା କରିଥିଲେ। ନିର୍ବାଚନରେ ସଂଘର ନୂତନ ସଭାପତି ଭାବେ ପ୍ରୀତପାଲ ସିଂ ନିର୍ବାଚିତ ହୋଇଥିବା ବେଳେ ଉପ ସଭାପତି ଭାବେ ତାପସ କୁମାର ନାଥ ଓ ସମ୍ପାଦକ ଭାବେ ବିଜୁ ସରକାର ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ସଂଘ ସହ ସମ୍ପାଦକ ଭାବେ ହୃଷୀକେଶ ପଣ୍ଡା, ସହକାରୀ ସମ୍ପାଦକ ଭାବେ ଭବତୋଷ ବିଶ୍ୱାସ, ହେମନ୍ତ କୁମାର ରାଜୁ, କୈଳାସ ଚନ୍ଦ୍ର ପଟ୍ଟନାୟକ, ସରୋଜ କୁମାର ସାହୁ ଏବଂ କୋଷାଧକ୍ଷ ଭାବେ ହିରୋଜ ପାଣିଗ୍ରାହୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ ।

# ଖାଉଟି ଅଦାଲତରେ ଦଣ୍ଡିତ ହେଲା ସାମ୍‌ସଙ୍ଗ୍ କମ୍ପାନୀ

### ୩୦ ଦିନ ମଧ୍ୟରେ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ମାଲକାନଗିରି,୩୦।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଖାଉଟି ଅଦାଲତରେ ଦଣ୍ଡିତ ହୋଇଛି ସାମ୍‌ସଙ୍ଗ୍ କମ୍ପାନୀ। ୨୦୧୯ ମାର୍ଚ୍ଚ ୧୫ରେ ଆଇନଜୀବୀ ରାମପ୍ରସାଦ ପଟ୍ଟନାୟକ ସ୍ଥାନୀୟ ଦୋକାନରୁ ଏକ ୪୩ ଇଞ୍ଚର ସାମ୍‌ସଙ୍ଗ୍ ଟେଲିଭିଜନ କିଣିଥିଲେ। ତେବେ ୫ ରୁ ୬ ମାସ ଗଲାପରେ ଟିଭିଟି ଖରାପ ହୋଇଯାଇଥିଲା। ତେବେ ଟିଭିକୁ ନେଇ ପଟ୍ଟନାୟକ ଦୋକାନରେ ମରାମତି ପାଇଁ ଦେଇଥିଲେ। ଏହାର ୱାରେଣ୍ଟି ୫ ବର୍ଷ ପାଇଁ ରହିଥିଲା। ତେବେ ପଟ୍ଟନାୟକ ସ୍ଥାନୀୟ ବାସିନ୍ଦା ହୋଇଥିବାରୁ ତାଙ୍କୁ ଦୋକାନୀ ୱାରେଣ୍ଟି କାର୍ଡ ଦେଇ ନ ଥିଲେ। ଟିଭି ଖରାପ ହେଲେ ସେ ମରାମତି କରିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ କିଛିଦିନ ଦୋକାନୀ ଟିଭି ରଖି ମରାମତି କରାଯାଇଥିବା କହି ପଟ୍ଟନାୟକଙ୍କୁ ଫେରାଇ ଦେଇଥିଲେ। ଟିଭି ୧୫ ଦିନ ଗଲାପରେ ପୁଣି ଖରାପ ହେଲା। ପଟ୍ଟନାୟକ ପୁଣି ଦୋକାନକୁ ଯାଇ ଟିଭି ଖରାପ ଥିବା କହି ଦେଇଥିଲେ। ତେବେ ଦୋକାନୀ ଟିଭି ରଖିବା ସହ କରୋନା ସମୟ ହୋଇଥିବାରୁ ଦୋକାନ ବନ୍ଦକରି ଦେଇଥିଲେ। ଦୀର୍ଘଦିନ ପରେ ମଧ୍ୟ ପଟ୍ଟନାୟକଙ୍କୁ ଟିଭି ଫେରାଇ ନ ଥିଲେ। ବାରମ୍ବାର ଟିଭି ଖରାପ ହେବା ପରେ ମଧ୍ୟ ଠିକ୍ ନ ହେବାରୁ ସେ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଖାଉଟି ଅଦାଲତ ସଭାପତି ପି.କେ. ପଣ୍ଡା ଏବଂ ସଦସ୍ୟା ସଲମା ବାନୋ ଏହି ମାମଲାକୁ ନେଇ ଉଭୟ ପକ୍ଷଙ୍କୁ ଡକାଇ ବିଚାର କରିଥିଲେ। ତେବେ ଦୋକାନୀ ଏବଂ ସାମ୍‌ସଙ୍ଗ୍ କମ୍ପାନୀ ଏଥିରେ ଦଣ୍ଡିତ ହୋଇଥିଲେ। ଫଳରେ କମ୍ପାନୀ ପଟ୍ଟନାୟକଙ୍କୁ ଟିଭି ଦାମ ୫୦,୭୦୦ ଟଙ୍କା ସହ ୧୫ ହଜାର କମ୍ପେନ୍‌ସେସନ ଏବଂ ୩ ହଜାର ଟଙ୍କା ହଇରାଣ ହୋଇଥିବାରୁ ଆସନ୍ତା ୩୦ ଦିନ ମଧ୍ୟରେ ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଆକ୍ରମଣ ଘଟଣା ଅଭିଯୁକ୍ତ କୋର୍ଟ ଚାଲାଣ

ବାଲିମେଳା,୩୦।୩(ଶିବଦତ୍ତ ସାହୁ)

ମାଲକନଗିରି ଜିଲା ଓର୍କେଲ ଥାନା ଜବାଗଡ଼ ଗ୍ରାମ ନିକଟ ନୂଆଗୁଡା ଗ୍ରାମର ରଘୁନାଥ ଗୌଡ଼ଙ୍କ ଘରକୁ ପୁରୁଣା ଚିମିଟାପଲ୍ଲୀ ଗ୍ରାମର ସମ୍ପର୍କୀୟଙ୍କ ଝିଅ ହୋଲିରେ ଆସିଥିଲେ। ହୋଲି ଦିନ ଉକ୍ତ ଗ୍ରାମରେ ଥିବା ଜଗଦୀଶ ଗଣ୍ଡ ନାମକ ଜଣେ ଯୁବକ ଉକ୍ତ ଝିଅକୁ କମେଣ୍ଟ ମାରିବା ସହ ତାଙ୍କୁ ଟଣା ଓଟରା କରିଥିଲେ।



ଘଟଣା ସମ୍ପର୍କରେ ଝିଅ ରଘୁନାଥ ଓ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ତାଙ୍କ ପରିବାର ଲୋକେ ଜଗଦୀଶଙ୍କୁ ପଚାରିବାରୁ ସେ ପାଟିତୁଣ୍ଡ କରିଥିଲେ। ଘଟଣାକୁ ନେଇ ସନ୍ଧ୍ୟାରେ ଗାଁ କମିଟି ପକ୍ଷରୁ ବୈଠକ ବସିଥିଲା। ଏପରି ଭୁଲ ନ କରିବାକୁ ଜଗଦୀଶଙ୍କୁ ଗ୍ରାମବାସୀ ବୁଝାଇ ଥିଲେ। ପରଦିନ ସେହି ଝିଅ ତାଙ୍କ ଭାଇଙ୍କ ସହ ନିଜ ଗ୍ରାମକୁ ଫେରି ଯାଇଥିଲେ। ଏହି ଘଟଣାକୁ ନେଇ ରାଗରେ ଜଗଦୀଶ ଏକ କୁରାଢ଼ି ଧରି ରଘୁନାଥଙ୍କ ଘରକୁ ଯାଇ ପାଟିତୁଣ୍ଡ କରିବା ସହ ଆକ୍ରମଣ କରିବାରୁ ସେ ଆହତ ହୋଇଥିଲେ। ଏ ନେଇ ରଘୁନାଥ ଶୁକ୍ରବାର ଓର୍କେଲ ଥାନାରେ ଜଗଦୀଶଙ୍କ ନାମରେ ଏକ ଲିଖିତ ଏତଲା ଦେଇଥିଲେ। ନଂ.୧୪୨/୨୪ ରେ ଏକ ମାମଲା ରୁଜୁ କରାଯିବା ସହ ଜଗଦୀଶଙ୍କୁ ଗିରଫ ପରେ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ବ୍ଲକ୍‌ରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ



ବିଡିଓ ପ୍ରଭାତୀ ଝୋଡ଼ିଆ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରୁଛନ୍ତି ।

ମାଲକାନଗିରି,୩୦।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ବିଡିଓଙ୍କ କାର୍ଯ୍ୟାଳୟରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଯୋଗଦେଇ ନାୟକଙ୍କ ଦେଶ ପ୍ରୀତି, ଦେଶ ପାଇଁ ଲଢ଼ି କିପରି ସେ ଫାଶିଖୁଣ୍ଟକୁ ଚଢ଼ିଥିଲେ ସେ ବିଷୟରେ ବୁଝାଇଥିଲେ। ପ୍ରଥମେ କାର୍ଯ୍ୟାଳୟ ପରିସରରେ ଥିବା ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଦୀପ ପ୍ରଜ୍ୱଳନ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ପ୍ରଭାତୀ ଝୋଡ଼ିଆଙ୍କ ସହ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି ।

ଚିତ୍ରକୋଣ୍ଡା,୩୦।୩(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶନିବାର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧକ୍ଷ ବିଶ୍ୱଶ୍ରୀ ବିଶ୍ୱାସ ପ୍ରଭାତ ଦାସଙ୍କ ଆହ୍ୱାନକ୍ରମେ ବିଏସ୍‌ଏଫ୍ କମାଣ୍ଡାଣ୍ଟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଡିଏସ୍‌ଏସ୍ ଶରତ କୁମାର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଚିତ୍ରକୋଣ୍ଡା ଡାଏଟ୍ ଅଧକ୍ଷା ମମତା କୁମାରୀ ଝୋଡ଼ିଆ,ସରକାରୀ ବାଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ହନ୍ତାଳ, ଅଗ୍ନିଶମ ଅଧିକାରୀ ଅନ୍ତର୍ଯ୍ୟାମୀ ଖଣ୍ଡାଗିରି, ଦନ୍ତ ଚିକିତ୍ସକ ଯସ୍ମିନ ବେହେରା, ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏନ୍. ଗୋବିନ୍ଦା ନାୟକ ଯୋଗଦେଇଥିଲେ। ବାର୍ଷିକ ଉତ୍ସବ ଅତିଥିମାନେ ନିଜ ନିଜ ବକ୍ତବ୍ୟ ରଖିବା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଗୀତ ଓ ନୃତ୍ୟ, ଛାତ୍ରୀଛାତ୍ରୀ କଳାକାରମାନଙ୍କ ଦ୍ୱାରା ନାଟକ 'ଭିନ୍ନ ଏକ ଯମ' ପରିବେଷଣ କରାଯାଇଥିଲା । ଉତ୍ସବରେ ଶିକ୍ଷକ ସରୋଜ କୁମାର ପରିଡ଼ା ମଞ୍ଚ ପରିଚାଳନା କରିଥିବା ବେଳେ ରାମକିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ସୁଜାତା ଖାଲ୍‌ଖୋ, ଭାରତ ବାଘ, ରାଧାମୋହନ ଆଚାର୍ଯ୍ୟ, ଗଜେନ୍ଦ୍ର କୁମାର ସାହୁ, ମିତା ଶତପଥୀ, ସୁନୀତା ନାହାକ, ଆକାଶ କୁମାର ବାରିକ, ଜଗଦୀଶ ଦଳେଇ, ସିଦ୍ଧାନ୍ତ ଭୋଇ ତଥା ଅଣ ଶିକ୍ଷକବୃନ୍ଦ ଯଥା ମହେନ୍ଦ୍ର ମାତମ, ରବୀନ୍ଦ୍ର ମାତମ, ଇନ୍ଦ୍ରଜିତ ମଣ୍ଡଳ, ବବିନା ବାଇ, ଡମ୍ବରୁଧର ହନ୍ତାଳ ପ୍ରମୁଖ ଯୋଗଦେଇଥିଲେ।

# କାୟାକଳ୍ପ ଚୟନରେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ପ୍ରଥମ




ଉପଖଣ୍ଡ ଚିକିତ୍ସାଳୟ ।

ଚିତ୍ରକୋଣ୍ଡା,୩୦।୩ (କ୍ଷୀରୋଦ ବେହେରା)

ଚଳିତ ବର୍ଷ କାୟାକଳ୍ପ ପୁରସ୍କାର ଚୟନ ତାଲିକାରେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ପ୍ରଥମ ସ୍ଥାନ ଅଧିକାର କରିଛି। ସ୍ୱାସ୍ଥ୍ୟସେବା, ପରିଷ୍କାର ପରିଚ୍ଛନ୍ନତା ଓ ସ୍ୱଚ୍ଛତା ଆଦି କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଥିବାରୁ କାୟାକଳ୍ପ ଟିମ୍ ଚୟନ ଅନୁଯାୟୀ ଏସ୍‌ଡିଏଚ୍ ତାଲିକାରେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ପ୍ରଥମ ସ୍ଥାନ ଅଧିକାର କରି ୧୫ ଲକ୍ଷ ଟଙ୍କା ପୁରସ୍କାର ପାଇବ ବୋଲି ଜଣାପଡିଛି। ୟୁକୋ ଫ୍ରେଣ୍ଡରେ ଉଇନର ପାଇଁ ୫ ଲକ୍ଷ ଟଙ୍କା ପୁରସ୍କାର ପାଇବାକୁ ବିବେଚିତ ହୋଇଛି। ଖବର ଚିତ୍ରକୋଣ୍ଡା ଅଞ୍ଚଳବାସୀ ଜାଣିବା ପରେ ଖୁସିର ଲହରି ଖେଳିଯିବା ସହ ଉପଖଣ୍ଡ ଚିକିତ୍ସାଳୟ ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତ ଏବଂ ଆକାଉଣ୍ଟାଣ୍ଟ ରାଜେନ୍ଦ୍ର କୁମାର ଦାସ ଏବଂ ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଉପଖଣ୍ଡ ଚିକିତ୍ସାଳୟ ତରଫରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ କେକ୍ କାଟି ଖୁସି ମନାଇଛନ୍ତି। ଆଗାମୀ ଦିନରେ ଉକ୍ତ ଚିକିତ୍ସାଳୟ ବିକାଶ ଦିଗରେ କାମକରି ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ସମସ୍ତ କର୍ମଚାରୀ ଆଗେଇନେବାକୁ ସଂକଳ୍ପ ନେଇଛନ୍ତି ।

# କଳାହାଣ୍ଡି କପ୍‌ରେ ଖେଳିବାକୁ କଟକ ଗଲେ କ୍ରିକେଟ ଟିମ୍

ମାଲକାନଗିରି,୩୦।୩(ଦୁର୍ଯ୍ୟୋଧନ ପାତ୍ର)

କଟକରେ ଅନୁଷ୍ଠିତ ହେବାକୁ ଥିବା କଳାହାଣ୍ଡି କ୍ରିକେଟ କପ୍ ପ୍ରତିଯୋଗୀତାରେ ଅଂଶ ଗ୍ରହଣ ପାଇଁ ମାଲକାନଗିରି କ୍ରିକେଟ ଦଳ ଶନିବାର କଟକ ଅଭିମୁଖେ ଯାତ୍ରା ଆରମ୍ଭ କରିଛି । ଏହି ଦଳର କୋଚ ଓ ମ୍ୟାନେଜର ଭାବେ ଜିଲାର ବିଶିଷ୍ଟ କ୍ରିକେଟ ଖେଳାଳି ମାନସ ରଞ୍ଜନ ଜେନା ଖେଳାଳିଙ୍କୁ



ନେଇ ଯାଇଛନ୍ତି । ଏହି ଦଳରେ ୧୬ ଖେଳାଳି ରହିଥିବା ବେଳେ ରବିବାର ଏହି ପ୍ରତିଯୋଗୀତା ଆରମ୍ଭ ହେବ। ଦଳ ମାଲକାନଗିରିରୁ ଏକ ବସ୍ ଯୋଗେ ଯାତ୍ରା ଆରମ୍ଭ କରିଥିବା ବେଳେ ଏହି ଦଳକୁ ଜିଲାର ବିଶିଷ୍ଟ ଖେଳାଳି ତଥା ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ମ୍ୟାନେଜର ପପୁ ସିଂ ଉପସ୍ଥିତି ରହି ଉତ୍ସାହିତ କରିଥିଲେ ।

### ଭାଜପା ଏମ୍‌ପି ପ୍ରାର୍ଥୀ କାଳିମେଳା ବ୍ଲକ୍‌ରେ ଦଳୀୟ କର୍ମୀଙ୍କ ସହ ଆଲୋଚନା

କାଳିମେଳା, ୩୦।୩(ଜୀବନକୃଷ୍ଣ ଦାସ )

ଭାଜପା ଏମ୍‌ପି ପ୍ରାର୍ଥୀ ବଳଭଦ୍ର ମାଝି ଦଳୀୟ ଟିକେଟ୍ ପାଇବା ପରେ ମାଲକାନଗିରି ଜିଲା ଗସ୍ତରେ ଆସି ଶୁକ୍ରବାର ସନ୍ଧ୍ୟାରେ ଦଳୀୟ କର୍ମୀଙ୍କ ସହ ଆଲୋଚନା କରଥିଲେ। ଶନିବାର କାଳିମେଳା ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନକରି ଦଳୀୟ କର୍ମୀଙ୍କ ସହ ଆଲୋଚନା କରିଛନ୍ତି। ମୋଦି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ବୁଝାଇବା ସହ ମୋଦି ଗ୍ୟାରେଣ୍ଟି କଥା କହି କର୍ମୀଙ୍କୁ ଉତ୍ସାହିତ କରିଥିଲେ। ମାଝି ପ୍ରଥମେ ଗୁମ୍ପାକୋଣ୍ଡାଠାରେ ଦଳୀୟ କର୍ମୀଙ୍କ ସହ ଆଲୋଚନା କରିବା ପରେ ଅପରାହ୍ନରେ କାଳିମେଳା ଅସ୍ଥାୟୀ ଭାଜପା କାର୍ଯ୍ୟାଳୟରେ ବୈଠକ କରିଥିଲେ । ମାଝିଙ୍କ ସହ ଜିଲା ଭାଜପା ସଭାପତି ନିମାଇଁ ଚନ୍ଦ୍ର ପାଲ, ବିଧାୟକ ଆଦିତ୍ୟ ମାଢ଼ି, ପୂର୍ବତନ ବିଧାୟକ ମୁକୁନ୍ଦ ସୋଢ଼ି, କାଳିମେଳା ମଣ୍ଡଳ ସଭାପତି ରତ୍ନାକର ପାଣିଗ୍ରାହୀଙ୍କ ସମେତ ଅନ୍ୟାନ୍ୟ ଭାଜପା ନେତା କର୍ମୀ ଯୋଗଦେଇଥିଲେ। ପରେ ମାଝି ଏମ୍‌ଭି ୯୦, ଏମ୍‌ଭି ୭୨ ଏବଂ ଏମଭି ୭୯ ଗସ୍ତକରି ଦଳୀୟ କର୍ମୀଙ୍କ ସହ ବୈଠକ କରିଥିବା ଜଣାପଡିଛି ।



ଭାଜପା ଏମ୍‌ପି ପ୍ରାର୍ଥୀ ବଳଭଦ୍ର ମାଝି ଦଳୀୟ କର୍ମୀଙ୍କ ସହ ଆଲୋଚନା କରୁଛନ୍ତି ।

# ଭୋଟର ସଚେତନତା ଶୋଭାଯାତ୍ରା ଉଦ୍‌ଘାଟିତ

ମାଲକାନଗିରି,୩୦।୩(ଦୁର୍ଯ୍ୟୋଧନ ପାତ୍ର)

ଜିଲା ପ୍ରଶାସନ ପକ୍ଷରୁ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନେଇ ସଦର ମହକୁମାରେ ଏକ ରାଲି ଆୟୋଜନ କରାଯାଇଥିଲା। ସ୍ଥାନୀୟ ବ୍ଲକ୍ ପଡିଆଠାରୁ ଏହା ଆରମ୍ଭ ହୋଇ ଡିଏନ୍‌କେ ଛକ, ପୁରୁଣା ମେଡ଼ିକାଲ ଛକ ଅତିକ୍ରମ କରି ଶେଷରେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପହଞ୍ଚିଥିଲା। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ, ସଚିନ୍ ପାୱାର ଏହି ରାଲିକୁ ଉଦ୍‌ଘାଟନ କରିଥିଲେ। ସହରାଞ୍ଚଳ ଭୋଟରଙ୍କ ଅନୁପାତ ବୃଦ୍ଧି, ସ୍ୱତନ୍ତ୍ର ଭୋଟର ଯେପରିକି ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଓ କିନ୍ନର ଗୋଷ୍ଠୀଙ୍କ ଅଧିକରୁ ଅଧିକ ମତଦାନ ପ୍ରକ୍ରିୟାରେ ଅଂଶଗ୍ରହଣ ଏବଂ ଯୁବ ଭୋଟରଙ୍କ ମଧ୍ୟରେ ସଚେତନତା କରିବା ଏହି ରାଲିର ଉଦ୍ଦେଶ୍ୟ ବୋଲି ଜିଲାପାଳ କହିଛନ୍ତି। ମତଦାନ ମାଧ୍ୟମରେ ଏକ ସୁସ୍ଥ ଗଣତନ୍ତ୍ର ଗଠନରେ ସାମିଲ ହେବା ନିମନ୍ତେ ପାୱାର ସମସ୍ତଙ୍କୁ ଅପିଲ କରିଛନ୍ତି। ଅତିରିକ୍ତ ଜିଲାପାଳ, ରାଜସ୍ୱ ବେଦବର ପ୍ରଧାନ, ଅତିରିକ୍ତ ଜିଲାପାଳ(ସାଧାରଣ) ସୋମନାଥ ପ୍ରଧାନ, ଉପ ଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ବିଡିଓ ପ୍ରଭାତୀ ଝୋଡ଼ିଆ ଓ ଅତିରିକ୍ତ ତହସିଲଦାର ଉମେଶ ପୂଜାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ସ୍ଥାନୀୟ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଧ୍ୟାପକ ଅଧ୍ୟାପିକା, ଜିଲା ଯୁବ ଅଧିକାରୀ, ନେହେରୁ ଯୁବ କେନ୍ଦ୍ରର କର୍ମଚାରୀ ଓ ନିର୍ବାଚନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ବିଡିଓ ଝୋଡିଆ ଧନ୍ୟବାଦ ଅର୍ପଣ କରିଥିଲେ।




ଭୋଟର ସଚେତନତା ଶୋଭାଯାତ୍ରାକୁ ପତାକା ଦେଖାଇ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ଉଦ୍‌ଘାଟନ କରୁଛନ୍ତି ।

## ସଂକ୍ଷେପରେ

### କନ୍ୟା ସନ୍ତାନ ଜନ୍ମହେବାରୁ ଦ୍ୱିତୀୟ ବିବାହ ନିଷ୍ପତ୍ତି
### ସ୍ୱାମୀଙ୍କ ବିରୋଧରେ ଥାନାର ଦ୍ୱାରସ୍ଥ ହେଲେ ସ୍ତ୍ରୀ

ଦଶମନ୍ତପୁର, ୩୦।୩ (ଅରବିନ୍ଦ ନାୟକ)



କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ପାଇକ ଫୁଲବେଡ଼ା ପଞ୍ଚାୟତ ମାଛରାଗୁଡ଼ା ଗ୍ରାମରେ ସ୍ତ୍ରୀ କନ୍ୟା ସନ୍ତାନ ଜନ୍ମଦେବାରୁ ଜଣେ ବ୍ୟକ୍ତି ଦ୍ୱିତୀୟ ବିବାହ କରିଛନ୍ତି। ଏହାର ପ୍ରତିବାଦରେ ସ୍ତ୍ରୀ ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଖବରରୁ ଜଣାପଡ଼ିଛି ପୀତାମ୍ବର ନାଉଡିଆଙ୍କ ଝିଅ ମାଣିକ (୩୦) ୨୦୧୬ରେ ମାଲକାନଗିରି ଜିଲା ଅର୍କେଲ ଥାନା ଅଧୀନରେ ଥିବା ସେମିଳିଗୁଡ଼ା ଗ୍ରାମର ଦୈତାରି ମାଝିଙ୍କ ପୁଅ ଡମ୍ବରୁଧରଙ୍କୁ ପ୍ରେମ ବିବାହ କରିଥିଲେ। କ୍ରମାଗତ ଭାବରେ ମାଣିକ ୩ଟି କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। କନ୍ୟା ସନ୍ତାନ ଜନ୍ମଦେବାରୁ ମାଣିକ ଓ ଡମ୍ବରୁଧରଙ୍କ ମଧ୍ୟରେ ସର୍ବଦା କଳହ ଲାଗି ରହୁଥିଲା। ଶେଷରେ ନିର୍ଯାତନା ସହି ନ ପାରି ମାଣିକ ପିଲାଙ୍କୁ ଧରି ବାପଘରକୁ ଚାଲିଯାଇଥିଲେ। ତାଙ୍କ ଅନୁପସ୍ଥିତି ଡମ୍ବରୁଧରଙ୍କ ମନରେ ପରିବର୍ତ୍ତନ ଆଣିବ ବୋଲି ସେ ଭାବିଥିଲେ। ମାତ୍ର ସ୍ତ୍ରୀ ନ ଥିବାର ସୁଯୋଗ ନେଇ ଡମ୍ବରୁଧର ଦ୍ୱିତୀୟ ବିବାହ କରିବା ପାଇଁ ଆୟୋଜନ କରିଥିବା ଖବରପାଇ ମାଣିକ ସାନଝିଅକୁ ଧରି ସ୍ୱାମୀଙ୍କ ନାଁରେ ଲିଖିତ ଏତଲା ଦେଇଛନ୍ତି।

### ବାଇକ୍‌କୁ ଧକ୍କାଦେଲା କାର୍, ଜଣେ ମୃତ

ପଟ୍ଟାଙ୍ଗି,୩୦।୩(ଶରତ ଧଳ)

ବିଳମ୍ବିତ ରାତିରେ ଯାତ୍ରା ଦେଖି ଘରୁକୁ ଫେରିବା ବେଳେ ଏକ କାର୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଦେଓପଟ୍ଟାଙ୍ଗି ପଞ୍ଚାୟତ ଲିଙ୍ଗାମଗୁଡ଼ି ଗ୍ରାମର ବିଶ୍ୱନାଥ ଗେମେଲ। ଖବରୁ ଜଣାପଡିଛି, ସୁଙ୍କି ପଞ୍ଚାୟତ ସଦର ମହକୁମାରେ ହେଉଥିବା ମାଁ ଭୈରବୀ ଠାକୁରାଣୀ ଯାତ୍ରା ଦେଖି ଲିଙ୍ଗାମଗୁଡ଼ି ଗ୍ରାମର ବିଶ୍ୱନାଥ ଏବଂ ରାଲେଗଡା ପଞ୍ଚାୟତ ତେଲରାଇ ଗ୍ରାମର ନବୀନ ପାଙ୍ଗୀ ବାଇକ୍ (ଓଡି୧୦ ଟି– ୨୨୧୫) ଯୋଗେ ଶୁକ୍ରବାର ବିଳମ୍ବିତ ରାତିରେ ଘରକୁ ଫେରୁଥିଲେ। ଜାତୀୟ ରାଜପଥର ଟାଙ୍ଗିଣି ଗ୍ରାମ ଛକର ଏକ ବୁଲାଣିଆ ରାସ୍ତାରେ ଦ୍ରୁତଗତିରେ ଆସୁଥିବା ଏକ କାର୍ ସେମାନଙ୍କୁ ଧକ୍କାଦେଇଥିଲା। ଫଳରେ ବାଇକ୍‌ଟି ଏକ କଲଭର୍ଟରେ ପିଟିହୋଇଯାଇଥିଲା। ବିଶ୍ୱନାଥ ଓ ନବୀନ ରାସ୍ତାରେ ଛିଟିକି ପଡ଼ିଥିଲେ। ବାଇକ୍ ଚଲାଉଥିବା ବିଶ୍ୱନାଥଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ନବୀନ ସାମାନ୍ୟ ଆହତ ହୋଇଥିଲେ। ପରେ ସେ ବିଶ୍ୱନାଥଙ୍କୁ ଆମ୍ବୁଲାନ୍ସ ଡକାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଥାନାଧିକାରୀ ଚତୁର୍ଭୁଜ ନାୟକଙ୍କ ନିର୍ଦ୍ଦେଶରେ ପୋଲିସ କର୍ମଚାରୀ ପଟ୍ଟାଙ୍ଗି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାର ତଦନ୍ତ ଜାରିରହିଛି।

# ପୋଖରୀ ଖନନକୁ ମହିଳାଙ୍କ ବିରୋଧ

### କାମ ଅଧାରେ ବନ୍ଦ

ଗୁଣପୁର,୩୦।୩(ପ୍ରଦୀପ କୁମାର ପାଢ଼ୀ)

ମୁଖ୍ୟମନ୍ତ୍ରୀଙ୍କ କର୍ମ ତତ୍ପରତା ଯୋଜନା(ମୁକ୍ତା)ରେ ରାୟଗଡ଼ା ଜିଲା ଗୁଣପୁରର ବିକ୍ରମପୁରସ୍ଥିତ ମତ୍ସ୍ୟ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ପୌରସଂସ୍ଥା ପକ୍ଷରୁ ପୋଖରୀ ନିର୍ମାଣ ଆରମ୍ଭ ହୋଇଛି। ହେଲେ ଏହି କାର୍ଯ୍ୟକୁ ଏସ୍ଏଚ୍‌ଜି ମହିଳାମାନେ ବିରୋଧ କରିଛନ୍ତି। ସେମାନଙ୍କ ଅଞ୍ଚଳରେ ଥିବା ଏସ୍ଏଚ୍‌ଜି ମହିଳାଙ୍କୁ ଏହି ପୋଖରୀ ଖନନ କାମ ଦିଆଯାଇନି। ବରଂ ଅନ୍ୟ ଅଞ୍ଚଳର ଗ୍ରୁପକୁ ଏହି କାର୍ଯ୍ୟ ଦିଆଯାଇଛି ବୋଲି ସ୍ଥାନୀୟ ମହିଳାମାନେ ଏହାକୁ ବିରୋଧ କରିଥିଲେ। ମହିଳାଙ୍କ ବିରୋଧ ଯୋଗୁ କାମ ବନ୍ଦ କରାଯାଇଛି। ସେଠାରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ହେବା ପରେ ପୋଲିସ ସେଠାରେ ପହଞ୍ଚି ଥିଲା। ମାମଲା ଯାଇ ବର୍ତ୍ତମାନ ଥାନାରେ ପହଞ୍ଚିଛି। ୩କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ଏହି ପୋଖରି ପୁନରୁଦ୍ଧାର କାର୍ଯ୍ୟ ସେଠାରେ ଚାଲୁ ରହିଥିବା ସୂଚନା ମିଳିଛି।



ମହିଳାମାନେ ପୋଖରୀ ଖୋଳାକୁ ବିରୋଧ କରୁଛନ୍ତି ।

# ରାଧାକୃଷ୍ଣ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ




କାର୍ଯ୍ୟକ୍ରମରେ ଅତିଥିମାନେ ।

ଗୁଡ଼ାରୀ,୩୦।୩ (ପ୍ରମୋଦ କୁମାର ପତି)

ସ୍ଥାନୀୟ ରାଧାକୃଷ୍ଣ ଇଂଲିଶ ମଡିୟମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ବାଳକୃଷ୍ଣ ମିଶ୍ରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଥାନା ଅଧିକାରୀ ସମର୍ପିତା ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧକ୍ଷ ଗୌରୀ ପ୍ରସାଦ ଦାସ ଓ ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଜଗଦିଶ ପାଣିଗ୍ରାହୀ,ସନ୍ତୋଷ ତୁଲ, ବୈକୁଣ୍ଠ ରାଓ ଉପସ୍ଥିତ ଥିଲେ। ମଞ୍ଚାସୀନ ଅତିଥିଙ୍କୁ ଛାତ୍ରୀଛାତ୍ରମାନେ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଭଲ ପାଠପଢି ବିଦ୍ୟାଳୟ ଏବଂ ନିଜ ପରିବାରର ନାମ ଉଜ୍ଜ୍ୱଳ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟ ଅଧକ୍ଷ ବାଳକୃଷ୍ଣ ମିଶ୍ରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ର ସମସ୍ତ ଶିକ୍ଷୟତ୍ରୀ, ଶିକ୍ଷକ, ଛାତ୍ରୀ ଛାତ୍ର ଏବଂ ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଗୁଣୁପୁର,୩୦।୩(ପ୍ରଦୀପ କୁମାର ପାଢୀ)

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ସ୍କୁଲ ଅଫ ଇଞ୍ଜିନିରିଂ ଆଣ୍ଡ ଟେକ୍ନୋଲୋଜି ଏବଂ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିରିଂ ବିଭାଗର ମିଳିତ ସହଯୋଗରେ ଶନିବାର ବିଶ୍ୱବିଦ୍ୟାଳୟର କେନ୍ଦ୍ରୀୟ କକ୍ଷରେ ଦୁଇଦିନିଆ ୪ର୍ଥ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଘାଟିତ ହୋଇଛି। ଏହାର ଶୀର୍ଷକ 'ମେଶିନ ଲର୍ନିଂ, ଆଇଓଟି ଏବଂ ବିଗ ଡାଟା' ଥିଲା। ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଆଇଆଇଟି ଭୁବେନଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମଲକର ଯୋଗ ଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନର ସମୟରେ 'ମେଶିନ ଲର୍ନିଂ, ଆଇଓଟି ଏବଂ ବିଗ ଡାଟା'ର ଆଶ୍ୟକତା ଉପରେ ନିଜ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ୟୁନିଭର୍ସିଟି ଅଫ ହାଇଦ୍ରାବାଦର ପ୍ରଫେସର ଶିବା କେ. ଉଦଗାତା, ଅନ୍ୟତମ ସମ୍ମାନିତ ଅତିଥି ଭାବେ ସମ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଏବଂ ସମ୍ମିଳନୀର ସଭାପତି ପ୍ରଫେସର ଡ. ଲଳିତ ମୋହନ ପଟ୍ଟନାୟକ ଉପସ୍ଥିତ ଥିଲେ। କୁଳପତି ଡ. ଏଭିଏନଏଲ ଶର୍ମା ସ୍ୱାଗତ ସୂଚନା ଦେଇଥିଲେ। ବିଭାଗର ଡେପୁଟି ଡିନ ଡ. କେ ମୁରଲୀ ଗୋପାଳ ଧନ୍ୟବାଦ ଦେଇଥିଲେ। ସମ୍ମିଳନୀରେ ବିଭିନ୍ନ ଗବେଷକଙ୍କ ଦ୍ୱାରା ନିଜ ଗବେଷଣା ନିବନ୍ଧ ଉପସ୍ଥାପନ କରାଯାଇଥିଲା । ଏହି ଅବସରରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ବିଭାଗୀୟ ହାକଥାନର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଡ.ଏନଭିଜେ ରାଓ, ସ୍କୁଲ ଅଫ ଇଞ୍ଜିନିରିଂର ଡିନ ଡ. ଏବି ଶ୍ରୀନିବାସ ରାଓ, ପରୀକ୍ଷା ନିୟନ୍ତ୍ରକ ଡ. ପି ବିଜୟ କୁମାର, ଅଧ୍ୟାପକ ଏସଏନ ଦାସ, ରଘବେନ୍ଦ୍ର କୁମାର, ବିଭାଗୀୟ ପ୍ରଫେସର, ଅଧ୍ୟାପକ ଶ୍ରୀନିବାସ ସେଠୀ, ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଏକ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

### ଜୟପୁର ବନାଞ୍ଚଳ ଅଧୀନରେ ୩ ସ୍ଥାନରେ ନିଆଁ

ଜୟପୁର, ୩୦।୩(ପବନ ପାଣିଗ୍ରାହୀ)

ଜୟପୁର ବନାଞ୍ଚଳ ଅଧୀନରେ ଥିବା ଜଙ୍ଗଲରେ ଶନିବାର ୩ଟି ସ୍ଥାନରେ ନିଆଁ ଲାଗିଛି। ଜୟପୁର ବ୍ଲକ ଅନ୍ତର୍ଗତ ନାକଟିଡଙ୍ଗର, ଧଉଡାପଦର ଓ ଘାଟବାଗରା ଜଙ୍ଗଲରେ ଏହି ନିଆଁ ଲାଗିଛି। ନିଆଁରେ ପାହାଡ ଓ ଜଙ୍ଗଲରେ ଥିବା ଔଷଧୀୟ ବୃକ୍ଷ, ବିଭିନ୍ନ ପ୍ରଜାତିର ଗଛ ପୋଡି ଯାଇଥିବା ଦେଖିବାକୁ ମିଳିଛି। ଜୟପୁର ବନ ବିଭାଗ ସୂଚନା ପାଇ ବନାଞ୍ଚଳ ଅଧିକାରୀ ସଚିଦା ନନ୍ଦ ପରିଡାଙ୍କ ନେତୃତ୍ୱରେ କର୍ମଚାରୀମାନେ ଉପରୋକ୍ତ ୩ ଜଙ୍ଗଲରେ ପହଞ୍ଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଜାରି ରଖିଥିବା ଜଣାପଡିଛି।

### ପୋଖରୀରେ ବୁଡ଼ି ନାବାଳକ ମୃତ

ବେଲଗୁଣ୍ଠା,୩୦।୩(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ ଉତ୍ତୁରା ପଞ୍ଚାୟତ ଅଧୀନ କୋକଲୁଣ୍ଡା ଗ୍ରାମରେ ପାଣିରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୋକଲୁଣ୍ଡା ଗ୍ରାମର ସୁଜାତା ମଲିକ୍ ପୁଅ ଆୟୁଷ (୧୦)। ଆୟୁଷ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଅସାବଧାନତା ବଶତଃ ପୋଖରୀରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି ପରେ ପୋଖରୀରୁ ଉଦ୍ଧାର କରି ପ୍ରଥମେ ବେଲଗୁଣ୍ଠା ଡାକ୍ତରଖାନା ଏବଂ ସେଠାରୁ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଆୟୁଷଙ୍କୁ ମୃତ ଘୋଷଣା ଘୋଷଣା କରିଥିଲେ। ଏ ନେଇ ବେଲଗୁଣ୍ଠା ଥାନାରେ ନଂ.୫/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ରେସପଣ୍ଡ ଟ୍ରଷ୍ଟ ଅଧକ୍ଷ ସ୍ୱସ୍ତିକ ସୁନ୍ଦର ସୀୟ ବିଧବା ତଥା ଅସହାୟା ସୁଜାତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି।

# ୧.୫ ଲକ୍ଷ, ଅଳଙ୍କାର ଜବତ: ଜଣେ ଗିରଫ

ଜେକେପୁର,୩୦।୩(ନିଧି ଗାଣ୍ଡେଟା)

### ଚୋରି ମାମଲାର ପର୍ଦ୍ଦାଫାଶ

ମାମଲା ରୁଜୁ ହେବାର ୪୮ଘଣ୍ଟା ମଧ୍ୟରେ ଚୋରି ମାମଲାର ପର୍ଦ୍ଦାଫାଶ କରିଛି ଚାନ୍ଦିଲି ପୋଲିସ । ମାମଲାର ତଦନ୍ତ କରି ପୋଲିସ ଜଣକୁ ଗିରଫ କରିଛି। ତାଙ୍କ ନାମ ପ୍ରଦୀପ ଜେନା। ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁର ସହରର ଆଜାଦ୍ ନଗରରରେ ତାଙ୍କ ଘର। ଅଭିଯୁକ୍ତଙ୍କଠାରୁ ନଗଦ ୧ଲକ୍ଷ ୫୦ହଜାର ଟଙ୍କା, ଦୁଇଟି ବାଇକ୍, ଏକ ହଳ ସୁନା କାନଫୁଲ, ଏକ ହଳ ନାକ ତାଳି, ୧୧ଟି ପାଉଁଜି, ୨ଟି ରୁପା ଚେନ୍ ଏବଂ ୫ଟି ମୁଦି ଜବତ କରିଛି । ଏଥିରେ ସମ୍ପୃକ୍ତ ଅନ୍ୟଜଣଙ୍କୁ ଖୋଜା ଚାଲଥିବା ଶନିବାର ଚାନ୍ଦିଲି ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସଡିପିଓ ରଶ୍ମିରଞ୍ଜନ ସେନାପତି ସୂଚନା ଦେଇଛନ୍ତି। ପୋଲିସର ସୂଚନା ଅନୁସାରେ ଘରୁ ଚୋରି ନେଇ ଜେକେପୁର ସହରର ଦେବାଙ୍ଗ ସାହିର ଲୋକନ ଶବର ଗୁରୁବାର ଚାନ୍ଦିଲି ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ଆଇଆଇସି ପ୍ରସନ୍ନ ବେହେରା ୯୨/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରଥିଲେ। ତଦନ୍ତରୁ ପ୍ରଦୀପଙ୍କ ସମ୍ପୃକ୍ତି ଥିବା ଜଣାପଡିବା ପରେ ତାଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ, ପ୍ରଦୀପଙ୍କଠାରୁ ଜବତ ହୋଇଥିବା ୨ଟି ବାଇକ୍ ଚୋରି ବାଇକ୍ ବୋଲି ତଦନ୍ତରୁ ଜଣାପଡିଛି। ଏନେଇ ପୂର୍ବରୁ ଜାନୁୟାରୀ ୩୧ରେ ଚାନ୍ଦିଲି ଥାନା ଓ ଗୁରୁବାର ରାୟଗଡା ଥାନାରେ ମାମଲା ରୁଜୁ ହୋଇଛି। ଏହି ଖବରଦାତା ସମ୍ମିଳନୀରେ ଚାନ୍ଦିଲି ଆଇଆଇସି ପ୍ରସନ୍ନ ବେହେରା ଓ ଏସ୍ଆଇ ଆଶୁତୋଷ ସାହୁ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏସଡିପିଓ ରଶ୍ମି ସେନାପତି ସୂଚନା ଦେଉଛନ୍ତି।

# ବିଭିନ୍ନ ନିର୍ବାଚନ ବୁଥ୍ ପରିଦର୍ଶନକଲେ ତହସିଲଦାର

ଗୁଡ଼ାରି, ୩୦।୩(ପ୍ରମୋଦ କୁମାର ପତି)



ଗୁଡ଼ାରି ତହସିଲଦାର ଏ. ସ୍ନେହଲତା ବ୍ଲକର ଅସଡା ପଞ୍ଚାୟତର ଓ ଖାରିଗୁଡ଼ାର ବିଭିନ୍ନ ବୁଥ୍ ଶନିବାର ପରିଦର୍ଶନ କରିଥିଲେ। ବିଶେଷକରି ନିର୍ବାଚନ ଦିନ ଦିବ୍ୟାଙ୍ଗ ଓ ବୟସ୍କ ମତଦାତାମାନେ ଯେପରି ମତଦାନ କେନ୍ଦ୍ର ମଧ୍ୟକୁ ଚାଲିକି ଯିବା ନିମନ୍ତେ ର୍‍ୟାମ୍ପ୍ ବ୍ୟବସ୍ଥା, ପାନୀୟ ଜଳ, ବିଦ୍ୟୁତ୍, ଗମନାଗମନ, ନିରାପତ୍ତା ବ୍ୟବସ୍ଥା, ଶୌଚାଳୟ ଓ ପ୍ରତୀକ୍ଷା ସ୍ଥାନ ଆଦି ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଅସଡା ପଞ୍ଚାୟତର ବାଦୀଗୁଡ଼ା, ବାମୁଣୀଡ଼ଙ୍ଗର, ସିଲିମି ଓ ଅସଡା ବୁଥ ଏବଂ ଖାରିଗୁଡା ପଞ୍ଚାୟତର ଖାରିଗୁଡା ବୁଥ୍ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀ ରାଜେଶ୍ୱର ଶବର ଓ ସେକ୍ଟର ଅଫିସର ବିଶିକେଶନ ଲିମା ଉପସ୍ଥିତ ଥିଲେ।

# ୨ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଗୁଣପୁର, ୩୦।୩ (ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଗୁଣପୁର ସହର ମରାଠିଗୁଡାସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇଜଣ ଶିକ୍ଷକ ଶନିବାର ଅବସରଗ୍ରହଣ କରିଛନ୍ତି। ସେମାନେ ହେଲେ ଅକ୍ଷୟ ପଣ୍ଡା ଏବଂ କାଳି ପ୍ରସାଦ ପଟ୍ଟନାୟକ। ଉଭୟଙ୍କୁ ବିଦ୍ୟାଳୟ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏନେଇ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟତ୍ରୀ ସୁଷମା ପଣ୍ଡା, ସିଆରସିସି ରୋଜି କୋରା ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ରହି ଉଭୟ ଶିକ୍ଷକଙ୍କୁ ମାନପତ୍ର ସହ ଉପଢୌକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।



ଦୁଇ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା କରାଯାଉଛି।

# ଦେବୀ ପ୍ରସାଦ ସଭାପତି, ଇନ୍ଦ୍ରାକ୍ଷୀ ସମ୍ପାଦକ

ଗୁଣପୁର,୩୦।୩(ପ୍ରଦୀପ କୁମାର ପାଢୀ)

### ଗୁଣପୁର ଓକିଲସଂଘ ନିର୍ବାଚନ

ରାୟଗଡା ଜିଲା ଗୁଣପୁର ଓକିଲସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ସଭାପତି ଭାବେ ଦେବୀ ପ୍ରସାଦ ଆଚାର୍ଯ୍ୟ, ଉପ ସଭାପତି ଗଣେଷ ସାହୁ ଏବଂ ସମ୍ପାଦକ ରୂପେ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ ବିଜୟୀ ହୋଇଛନ୍ତି। ସଭାପତି ଭାବେ ଦେବୀ ପ୍ରସାଦ ୩୭ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିଲେ। ତାଙ୍କର ଅନ୍ୟ ଦୁଇ ପ୍ରତିଦ୍ୱନ୍ଦ୍ୱି ରାଜେନ୍ଦ୍ର ପ୍ରସାଦ ପାଢୀ ୨୦ ଖଣ୍ଡ ଭୋଟ ଓ ଗୌରି ଶଙ୍କର ଦାସ ୧୭ ଖଣ୍ଡ ଭୋଟ ପାଇଥିଲେ। ଉପସଭାପତି ଭାବେ ଗଣେଷସାହୁ ୫୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱି ସରୋଜ ପାଣିଗ୍ରାହୀ ୧୩ ଖଣ୍ଡ ଭୋଟ ପାଇଥିଲେ। ସେହିପରି ସମ୍ପାଦକ ଭାବେ ଇନ୍ଦ୍ରାକ୍ଷୀ ପ୍ରସାଦ ୫୩ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱି ଗୋବିନ୍ଦ ସାହୁ ୨୨ ଖଣ୍ଡ ଭୋଟ ପାଇଥିଲେ। ୮୮ ଜଣ ଭୋଟରଙ୍କ ମଧ୍ୟରୁ ନିର୍ବାଚନରେ ୭୬ ଜଣ ମତଦାନ କରଥିଲେ। ଦୁଇଟି ପଦବୀ ଯୁଗ୍ମସମ୍ପାଦକ ପାଇଁ ସୁରଜ ପାତ୍ର ଏବଂ କୋଷାଧ୍ୟକ୍ଷ ପାଇଁ କୈଳାସ ଶବର ଜଣେ ଲେଖାଏ ନାମାଙ୍କନପତ୍ର ଦାଖଲ କରିଥିଲେ। ସେମାନଙ୍କ ପ୍ରତିଦ୍ୱନ୍ଦ୍ୱି ନ ଥିବାରୁ ଉଭୟେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ନିର୍ବାଚନ ଅଧିକାରୀ ଭାବେ ମନୋଜ ରତ୍ନାଲୁ ଏବଂ ସହ ନିର୍ବାଚନ ଅଧିକାରୀ ପବୀଣ ପଟ୍ଟନାୟକ ନିର୍ବାଚନ ପରିଚାଳନା କରିଥିଲେ।



ଗୁଣପୁର ଓକିଲ ସଂଘର ବିଜୟୀ କର୍ମକର୍ତ୍ତା।

# ପଦ୍ମନାଭ ସଭାପତି, ଶୁଭ୍ରାକାନ୍ତି ସହସମ୍ପାଦକ, ନୀଳାଚଳ କୋଷାଧ୍ୟକ୍ଷ

ରାୟଗଡ଼ା,୩୦।୩(ଆଶିଷ ରଞ୍ଜନ ପଣ୍ଡା)

### ରାୟଗଡ଼ା ବାର ଆସୋସିଏସନ ନିର୍ବାଚନ

ରାୟଗଡା ଜିଲା କୋର୍ଟସ୍ଥିତ ବାର ଆସୋସିଏସନ ଗୃହରେ ଶନିବାର ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଛି। ପଦ୍ମନାଭ ଦାଶ ସଭାପତି, ଶୁଭ୍ରାକାନ୍ତି ବେହେରା ସହସମ୍ପାଦକ ନିଳାଚଳ ବିଷୋୟୀ କୋଷାଧ୍ୟକ୍ଷଭାବେ ନିର୍ବାଚିତ ହୋଇଛନ୍ତି।

ରାୟଗଡ଼ା ବାର ଆସୋସିଏସନ ସଭାପତି ପଦ ପାଇଁ ଆଇନଜୀବୀ ପଦ୍ମନାଭ ଦାଶ, ବିଭୁଦ କୁମାର ପ୍ରଧାନ ଓ ପି.ଜଗନ ମୋହନ ରାଓ ନାମାଙ୍କନ କରିଥିଲେ। ପଦ୍ମନାଭ ଦାଶ ୫୯ ଖଣ୍ଡ ଭୋଟ ପାଇ ସଭାପତିଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଜଗନଙ୍କୁ ୫୬ ଓ ବିଭୁଦଙ୍କୁ ୪୯ ଖଣ୍ଡ ଭୋଟ ମିଳିଥିଲା। ସେହିଭଳି ସହସମ୍ପାଦକ ପଦବୀ ପାଇଁ ଜି.କ୍ରିଷ୍ଣାଦାଶ ଓ ଶୁଭ୍ରାକାନ୍ତି ବେହେରା ନାମାଙ୍କନ ଦାଖଲ କରିଥିଲେ। ଶୁଭ୍ରାକାନ୍ତି ୯୦ଟି ଭୋଟ ପାଇ ଜିତିଥିବାବେଳ ଜି.କ୍ରିଷ୍ଣାଦାସ ୭୦ଟି ଭୋଟ ପାଇଥିଲେ। କୋଷାଧ୍ୟକ୍ଷ ପଦ ନିମନ୍ତେ ନିଳାଚଳ ବିଷୋୟୀ ଓ ଜଳନ୍ଧର କୁଲଦିପ ପ୍ରତିଦ୍ୱନ୍ଦିତା କରୁଥିଲେ। ନିଳାଚଳଙ୍କୁ ୧୧୯ ଓ ଜଳନ୍ଧର କୁଳଦୀପଙ୍କୁ ୪୫ ଭୋଟ ମିଳିଥିଲା। ସମ୍ପାଦକଭାବେ ବିଶ୍ୱନାଥ ଗନ୍ତାୟତ ଏବଂ ଉପସଭାପତିଭାବେ ଓାଇ. ଶ୍ରୀନିବାସ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚିତ ସମସ୍ତଙ୍କୁ ପୂର୍ବତନ ସଭାପତି ଦେବୀ ପ୍ରସାଦ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ମଦନ ମୋହନ ପାଢୀ, ସଚ୍ଚିଦାନନ୍ଦ ଖାଡ଼ଙ୍ଗା, ବିନାୟକ କର ଓ ସମସ୍ତ ଆଇନଜୀବୀ ଶୁଭେଚ୍ଛା ଜଣାଇଛନ୍ତି। ନବ କୁମାର କଂଟା ନିର୍ବାଚନ ଅଧିକାରୀଭାବେ ଦାୟିତ୍ୱ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ନିର୍ବାଚନ ଅଧିକାରୀଭାବେ ସୁନୀଲ ନାୟକ, ଅରୁଣ ପାଣିଗ୍ରାହୀ ଓ ୱାଇ.ଶ୍ରୀହରି ଦାୟିତ୍ୱ ତୁଲାଇଥିଲେ। ଏହି ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଥିବାରୁ ନିର୍ବାଚନ ଅଧିକାରୀ ନବ କଂଟା ସମସ୍ତ ଆଇନଜୀବୀଙ୍କୁ ଧନ୍ୟବାଦ ଜଣାଇଥିଲେ।




ଅତିରିକ୍ତ ନିର୍ବାଚନ ଅଧିକାରୀଙ୍କ ଉପସ୍ଥିତିରେ ଆଇନଜୀବୀ ସଚ୍ଚିଦାନନ୍ଦ ଖାଡ଼ଙ୍ଗା ଭୋଟ ଦେଉଛନ୍ତି।



ନବ ନିର୍ବାଚିତ ବାର ଆସୋସିଏସନ କମିଟି।

# ଅଲଗା ହେବାକୁ ନାରାଜ

ସୁନାବେଡ଼ା,୩୦।୩
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

**ସୁନାବେଡ଼ା ମହିଳା ମହାବିଦ୍ୟାଳୟ**
- ■ଗୋଟିଏ ପରିସରରେ ଚାଲିଛି ଯୁକ୍ତ୨, ଯୁକ୍ତ ୩ ପାଠପଢ଼ା
- ■ସରକାରୀ ନିର୍ଦ୍ଦେଶ ମାନୁନି ଯୁକ୍ତ ୨ ଶିକ୍ଷାନୁଷ୍ଠାନ
- ■ଲାଗିରହିଛି ମହାବିଦ୍ୟାଳୟର ଜମି ବିବାଦ

ଝିଅମାନଙ୍କୁ ସ୍ୱତନ୍ତ୍ର ଭାବରେ ଶିକ୍ଷିତ କରିବାକୁ ୧୯୯୫ରେ ସୁନାବେଡ଼ାଠାରେ ମହିଳା ମହାବିଦ୍ୟାଳୟ ନିର୍ମାଣ କରାଯାଇଥିଲା। ପ୍ରଥମେ ଯୁକ୍ତ ୨ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗରେ ଝିଅମାନଙ୍କ ନାମ ଲେଖାଇ ପାଠପଢ଼ା ଆରମ୍ଭ ହୋଇଥିଲା। ପରେ ୨୦୦୦ରେ ଏଠାରେ ଯୁକ୍ତ ୩ ପାଠ୍ୟକ୍ରମ ଖୋଲିବାକୁ ସରକାର ସମ୍ମତି ଦେଇଥିଲେ। ସେହିବର୍ଷ ଯୁକ୍ତ ୩ରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଶ୍ରେଣୀଗୃହ ଅଭାବ ଯୋଗୁ ଯୁକ୍ତ ୨ ଓ ଯୁକ୍ତ ୩ ଉଭୟ ପାଠପଢ଼ା ମହାବିଦ୍ୟାଳୟର ଗୋଟିଏ ପରିସରରେ ହେଲା। ସୁନାବେଡ଼ା,ସେମିଲିଗୁଡ଼ା, ଦାମନଯୋଡ଼ି, ନନ୍ଦପୁର, ପଟାଙ୍ଗି ଅଞ୍ଚଳରେ ଏହା ଏକମାତ୍ର ମହିଳା ମହାବିଦ୍ୟାଳୟ ହୋଇଥିବାରୁ ଛାତ୍ରୀମାନେ ଏହା ଉପରେ ନିର୍ଭର କରୁଥିଲେ। ଯୁକ୍ତ ୩ରେ ପାଖାପାଖି ୧ହଜାର ପିଲା ପଢୁଥିବା ଏହି ଉଚ୍ଚ ବିଦ୍ୟାଳୟର ଜମିକୁ ନେଇ ଏବେ ବିବାଦ ମୁଣ୍ଡ ଟେକିଛି।

ତଥ୍ୟ ଅନୁସାରେ ତହସିଲ ପକ୍ଷରୁ ଚିଠି ସଂଖ୍ୟା ୩୫୪୯୧ରେ ୨୫।୧୧।୨୦୨୧ରେ ଏକ ସରକାରୀ ଗେଜେଟ୍ ନୋଟିଫିକେସନ ଦ୍ୱାରା ଯୁକ୍ତ୨କୁ ଯୁକ୍ତ୩ଠାରୁ ଅଲଗା କରିବା ପାଇଁ ନିର୍ଦ୍ଦେଶ ହୋଇଥିଲା। ପରେ ପୁଣି ଏକ ଚିଠି ୧୨୭୦/୨୦୭-୩୩୨/୨୦୨୨ରେ ତତ୍କାଳୀନ ଜିଲାପାଳ ୧୩।୨୦୨୨ରେ ସେମିଲିଗୁଡ଼ା ତହସିଲଦାରଙ୍କୁ ମଧ୍ୟ ଏନେଇ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ କାଗଜପତ୍ରରେ ଦୁଇଟି ଶିକ୍ଷା ଅନୁଷ୍ଠାନ ଅଲଗା ହୋଇଗଲା। ମାତ୍ର ଦୁଇଟିଯାକ ଶିକ୍ଷାନୁଷ୍ଠାନର ପାଠପଢ଼ା ଗୋଟିଏ ଜାଗାରେ ହୋଇ ଆସୁଥିଲା। ପ୍ରଶାସନ ଉଭୟ ମହାବିଦ୍ୟାଳୟକୁ ଅଲଗା କରିଦେଇଥିଲା ସତ୍ୟ, କିନ୍ତୁ ମହିଳା ମହାବିଦ୍ୟାଳୟ ନାଁରେ ଥିବା ୨.୮ ଏକର ଜମିକୁ ଡିଗ୍ରୀ କଲେଜକୁ ହସ୍ତାନ୍ତର କଲାନାହିଁ। ଫଳରେ ଏବେ ସେହି ଜମିକୁ ନେଇ ବିଭିନ୍ନ ବିବାଦ ସୃଷ୍ଟି ହେବାରେ ଲାଗିଛି। ସରକାରୀ ନୋଟିଫିକେସନ ହିସାବରେ +୨ ଶ୍ରେଣୀଗୃହ ସେଠାରୁ ଅଲଗା ହେବା କଥା। ଉଚ୍ଚଶିକ୍ଷା ବିଭାଗ କର୍ତ୍ତୃପକ୍ଷ ଏବେ ମହିଳା ମହାବିଦ୍ୟାଳୟକୁ ସେଠାରୁ ହଟାଇବାକୁ ଯୋଜନା କରୁଥିବା ଅଭିଯୋଗ ହେଉଛି। ବିବାଦ ଯୋଗୁ ଏହା ପରିସରରେ ଚାଲିଥିବା ମହିଳା ଡିଗ୍ରୀ ମହାବିଦ୍ୟାଳୟ ନିଜ ନାମଫଳକ ଲଗାଇପାରୁ ନ ଥିବା ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷା କହିଛନ୍ତି। ତାଙ୍କ ଅଭିଯୋଗ ମୁତାବକ ପ୍ରଶାସନ ପକ୍ଷରୁ ପରିଚାଳନା ନିର୍ଦ୍ଦେଶକ ତଥା ଉପଜିଲାପାଳ ବେଣୁଧର ଶବର, ତହସିଲଦାର ସମସ୍ତେ ଯୁକ୍ତ ୩ ମହିଳା ମହାବିଦ୍ୟାଳୟକୁ ଜମି ହସ୍ତାନ୍ତର ପାଇଁ ନୋଟିସ ଜାରି କରିଥିଲେ ବି ଏହାକୁ ଉଚ୍ଚଶିକ୍ଷା ବିଭାଗ କର୍ତ୍ତୃପକ୍ଷ ମାନୁନାହାନ୍ତି। ଫଳରେ ଏନେଇ +୩ ଛାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ସମୟରେ ବିବାଦ ଯୋଗୁ ଠିକ୍ ଭାବେ କ୍ଲାସ୍ ମଧ୍ୟ ହେଉ ନ ଥିବା ଜଣେ ଛାତ୍ରୀ କହିଛନ୍ତି। ପ୍ରଶାସନ ଶୀଘ୍ର ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନେବାକୁ ଛାତ୍ରୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗର ପରିଚାଳନା ନିର୍ଦ୍ଦେଶକ ତଥା ଉପଜିଲାପାଳ ବେଣୁଧର ଶବରଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ବିବାଦ କେବଳ ଏଠାକାର ନୁହେଁ ଅନେକ ମହାବିଦ୍ୟାଳୟରେ ରହିଛି। ମହିଳା ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଯଦି ଚାହିଁବେ ପୂର୍ବରୁ ଥିବା ବିଲ୍ଡିଂ ଉପରେ ନିଜର ଶ୍ରେଣୀଗୃହ ନିର୍ମାଣ ପାଇଁ ଆବେଦନ କରିପାରିବେ। ନଦେବକଲେଜ ପରିସରରେ ଅନେକ ଜାଗା ରହିଛି ସେଠାରେ ମଧ୍ୟ ନୂଆ ବିଲ୍ଡିଂ ପାଇଁ ଆବେଦନ କରିପାରିବେ। ଡିଗ୍ରୀ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ଉମାଶଙ୍କର ପ୍ରସାଦ ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ବିବାଦ ସମାଧାନ ପାଇଁ ୨ ବର୍ଷ ହେବ ଚେଷ୍ଟା କରି ଆସିଛୁ। ସରକାର ମଧ୍ୟ ନିଷ୍ପତ୍ତି ନେଇଛନ୍ତି ଏଠାରେ +୩ ରହିବ। ଯୁକ୍ତ୨କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ଯଥାଶୀଘ୍ର ଏହାର ସମାଧାନ ହେବାର ଆଶା ରଖିଛନ୍ତି ବୋଲି ସେ କହିଛନ୍ତି। ଜିଲା ଶିକ୍ଷାଧିକାରୀ ପ୍ରଶାନ୍ତ ମହାନ୍ତିଙ୍କୁ ଉପୁଜିଥିବା ସମସ୍ୟା ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି, ୨ ଶିକ୍ଷା ଅନୁଷ୍ଠାନ ସରକାରୀ ସ୍ତରରେ ଅଲଗା ହୋଇସାରିଛି। ମାତ୍ର ପ୍ରତ୍ୟକ୍ଷରେ ଅଲଗା ହୋଇନାହିଁ। ଏହି ସମସ୍ୟା ସାରା ଓଡ଼ିଶାରେ ରହିଛି ତଥାପି ମୁଁ ନୂଆ ଆସିଛି। ଅଫିସ ଅର୍ଡର କ'ଣ ରହିଛି ଦେଖିବା ପରେ କହିପାରିବି ବୋଲି ପ୍ରକାଶ କରିଥିଲେ।


The Odisha Gazette
EXTRAORDINARY
PUBLISHED BY AUTHORITY
No.1954, CUTTACK, THURSDAY, NOVEMBER 25, 2021/MARGASIRA 4,1943
REVENUE & DISASTER MANAGEMENT DEPARTMENT
RESOLUTION

ମହିଳା ମହାବିଦ୍ୟାଳୟକୁ କରାଯାଇଥିବା ଚିଠି।

## ପ୍ରଭାତ ସଭାପତି, ସୁନୀଲ ହେଲେ ସମ୍ପାଦକ




ବାର୍ ଆସୋସିଏସନର ନିର୍ବାଚିତ ନୂଆ କର୍ମକର୍ତ୍ତା।

**କୋରାପୁଟ ଓକିଲ ସଂଘ ନିର୍ବାଚନ**

କୋରାପୁଟ,୩୦।୩(ଅମିତାଭ ବେହେରା)

କୋରାପୁଟ ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଭାତ ମହାପାତ୍ର ପୁଣି ଥରେ ସଭାପତି ନିର୍ବାଚିତ ହୋଇଥିବା ବେଳେ ସୁନୀଲ ଜେନା ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ସଞ୍ଜୟ ଝା ଏବଂ କୋଷାଧ୍ୟକ୍ଷ ରୂପେ ଯୁବ ଆଇନଜୀବୀ କାମାକ୍ଷା ପ୍ରସାଦ ମାଝି ନିର୍ବାଚିତ ହୋଇଛନ୍ତି। ସଭାପତି, ସମ୍ପାଦକ ଓ କୋଷଧକ୍ଷ ପଦବୀରେ ଜଣେ ଲେଖାଏ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେମାନଙ୍କ ବିରୋଧରେ କେହି ପ୍ରାର୍ଥୀପତ୍ର ଦାଖଲ କରି ନ ଥିଲେ। ଫଳରେ ପ୍ରଭାତ, ସୁନୀଲ ଓ କାମାକ୍ଷା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ତେବେ ସଂଘର ଉପସଭାପତି ପଦବୀରେ ୨ଜଣ ପ୍ରାର୍ଥୀ ସଞ୍ଜୟ ଝା ଓ ମନୋରଞ୍ଜନ ନାୟକ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏଥିପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୧୬୪ ଜଣ ମତଦାନ କରିଥିଲେ। ସଞ୍ଜୟ ୧୩୫ଟି ଭୋଟ ପାଇଥିବା ବେଳେ ମନୋରଞ୍ଜନ ୨୭ଟି ଭୋଟ ପାଇଥିଲେ। ଫଳରେ ସଞ୍ଜୟ ଉପସଭାପତି ରୂପେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଘୋଷଣା କରିଥିଲେ। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ଅଶ୍ୱିନୀ ପଟ୍ଟନାୟକ, ବିଦ୍ୟାଧର ସାହୁ, ନଳିନୀକାନ୍ତ ସେନାପତି, ପ୍ରଶାନ୍ତ ପାତ୍ର, ରଶ୍ମିତା ଦାସ, ଶରତ ଚନ୍ଦ୍ର ଆଚାର୍ଯ୍ୟ, ସସ୍ମିତାରାଣୀ ସାହୁଙ୍କୁ ମନୋନୀତ କରାଯାଇଥିଲା। ନିର୍ବାଚନ ଅଧିକାରୀ ଭାବେ ସୁଜାତା ନାୟକ ନିର୍ବାଚନ ପରିଚାଳନା କରିଥିଲେ।

**ସଂକ୍ଷେପରେ**

## କନ୍ୟା ସନ୍ତାନ ଜନ୍ମହେବାରୁ ଦ୍ୱିତୀୟ ବିବାହ ନିଷ୍ପତ୍ତି ସ୍ୱାମୀଙ୍କ ବିରୋଧରେ ଥାନାର ଦ୍ୱାରସ୍ଥ ହେଲେ ସ୍ତ୍ରୀ

ଦଶମନ୍ତପୁର, ୩୦।୩
(ଅରବିନ୍ଦ ନାୟକ)



କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ପାଇକ ଫୁଲବେଡ଼ା ପଞ୍ଚାୟତ ମାଛରାଗୁଡ଼ା ଗ୍ରାମରେ ସ୍ତ୍ରୀ କନ୍ୟା ସନ୍ତାନ ଜନ୍ମଦେବାରୁ ଜଣେ ବ୍ୟକ୍ତି ଦ୍ୱିତୀୟ ବିବାହ କରିଛନ୍ତି। ଏହାର ପ୍ରତିବାଦରେ ସ୍ତ୍ରୀ ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଖବରରୁ ଜଣାପଡ଼ିଛି ପୀତାମ୍ବର ନାଉଡିଆଙ୍କ ଝିଅ ମାଣିକ (୩୦) ୨୦୧୬ରେ ମାଲକାନଗିରି ଜିଲା ଅର୍କେଲ ଥାନା ଅଧୀନରେ ଥିବା ସେମିଳିଗୁଡ଼ା ଗ୍ରାମର ଦୈତାରି ମାଝିଙ୍କ ପୁଅ ଡମ୍ବରୁଧରଙ୍କୁ ପ୍ରେମ ବିବାହ କରିଥିଲେ। କ୍ରମାଗତ ଭାବରେ ମାଣିକ ୩ଟି କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। କନ୍ୟା ସନ୍ତାନ ଜନ୍ମଦେବାରୁ ମାଣିକ ଓ ଡମ୍ବରୁଧରଙ୍କ ମଧ୍ୟରେ ସର୍ବଦା କଳହ ଲାଗି ରହୁଥିଲା। ଶେଷରେ ନିର୍ଯାତନା ସହି ନ ପାରି ମାଣିକ ପିଲାଙ୍କୁ ଧରି ବାପଘରକୁ ଚାଲିଯାଇଥିଲେ। ତାଙ୍କ ଅନୁପସ୍ଥିତି ଡମ୍ବରୁଧରଙ୍କ ମନରେ ପରିବର୍ତ୍ତନ ଆଣିବ ବୋଲି ସେ ଭାବିଥିଲେ। ମାତ୍ର ସ୍ତ୍ରୀ ନ ଥିବାର ସୁଯୋଗ ନେଇ ଡମ୍ବରୁଧର ଦ୍ୱିତୀୟ ବିବାହ କରିବା ପାଇଁ ଆୟୋଜନ କରିଥିବା ଖବରପାଇ ମାଣିକ ସାନଝିଅକୁ ଧରି ସ୍ୱାମୀଙ୍କ ନାଁରେ ଲିଖିତ ଏତଲା ଦେଇଛନ୍ତି।

## ନିର୍ବାଚନ ପାଇଁ ଗାଡ଼ି ବ୍ୟବସ୍ଥା ନେଇ ବୈଠକ

ଜୟପୁର, ୩୦।୩ (ପବନ ପାଣିଗ୍ରାହୀ)

ଆଗାମୀ ସାଧାରଣ ନିର୍ବାଚନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଜୟପୁର ଓ କୋଟପାଡ ନିର୍ବାଚନମଣ୍ଡଳୀ ପାଇଁ ରୁଟ୍ ମ୍ୟାପ୍, ଯାନ ବାହନ ବ୍ୟବସ୍ଥା ଉପରେ ଆଲୋଚନା ହୋଇ ନିଷ୍ପତ୍ତି ହୋଇଛି । ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ଭୋଟ ଦାନ କେନ୍ଦ୍ରକୁ କିପରି ପୋଲିଂ ପାର୍ଟି ଯିବେ ସେ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ଏଡିଏମ୍ ଲମ୍ବଜିତ ରାଉତ, ଆଲୋମଣି ସେଠୀ, କୋରାପୁଟ ଉପଜିଲାପାଳ ବେଣୁଧର ଶବର, ଜୟପୁର ଉପଜିଲାପାଳ ପ୍ରଭାତ ପରିଡ଼ା, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଜୟପୁର ଉପଖଣ୍ଡର ସମସ୍ତ ତହସିଲଦାର ଓ ବିଡିଓମାନେ ଉପସ୍ଥିତ ଥିଲେ। ଜୟପୁର ନିର୍ବାଚନମଣ୍ଡଳୀରେ ୨୩୭ ଭୋଟଦାନ କେନ୍ଦ୍ର ରହିଥିବା ବେଳେ କୋଟପାଡ ନିର୍ବାଚନମଣ୍ଡଳୀରେ ୨୪୩ ଭୋଟଦାନ କେନ୍ଦ୍ର ରହିଛି । ଜୟପୁର ପୌରାଞ୍ଚଳରରେ ୬୦ଟି ଭୋଟଦାନ କେନ୍ଦ୍ର ରହିଛି। ଭୋଟଦାନ କେନ୍ଦ୍ରକୁ ପୋଲିଂ ପାର୍ଟିଙ୍କୁ ନେବାକୁ ୬୦ଟି ବୋଲେରୋ ନିୟୋଜିତ କରାଯିବାକୁ ସ୍ଥିର ହୋଇଛି।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ଗୁଣପୁର ଓକିଲ ସଂଘ ନିର୍ବାଚନ ଦେବୀ ପ୍ରସାଦ ସଭାପତି, ଇନ୍ଦ୍ରାକ୍ଷୀ ସମ୍ପାଦକ

ଗୁଣପୁର,୩୦।୩(ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଗୁଣପୁର ଓକିଲସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ସଭାପତି ଭାବେ ଦେବୀ ପ୍ରସାଦ ଆଚାର୍ଯ୍ୟ, ଉପ ସଭାପତି ଗଣେଷ ସାହୁ ଏବଂ ସମ୍ପାଦକ ରୂପେ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ ବିଜୟୀ ହୋଇଛନ୍ତି। ସଭାପତି ଭାବେ ଦେବୀ ପ୍ରସାଦ ୩୭ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିଲେ। ତାଙ୍କର ଅନ୍ୟ ଦୁଇ ପ୍ରତିଦ୍ୱନ୍ଦ୍ୱି ରାଜେନ୍ଦ୍ର ପ୍ରସାଦ ପାଢୀ ୨୦ ଖଣ୍ଡ ଭୋଟ ଓ ଗୌରି ଶଙ୍କର ଦାସ ୧୭ ଖଣ୍ଡ ଭୋଟ ପାଇଥିଲେ। ଉପସଭାପତି ଭାବେ ଗଣେଷସାହୁ ୫୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱି ସରୋଜ ପାଣିଗ୍ରାହୀ ୧୩ ଖଣ୍ଡ ଭୋଟ ପାଇଥିଲେ। ସେହିପରି ସମ୍ପାଦକ ଭାବେ ଇନ୍ଦ୍ରାକ୍ଷୀ ପ୍ରସାଦ ୫୩ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱି ଗୋବିନ୍ଦ ସାହୁ ୨୨ ଖଣ୍ଡ ଭୋଟ ପାଇଥିଲେ। ୮୮ ଜଣ ଭୋଟରଙ୍କ ମଧ୍ୟରୁ ନିର୍ବାଚନରେ ୭୬ ଜଣ ମତଦାନ କରଥିଲେ। ଦୁଇଟି ପଦବୀ ଯୁଗ୍ମସମ୍ପାଦକ ପାଇଁ ସୁରଜ ପାତ୍ର ଏବଂ କୋଷାଧ୍ୟକ୍ଷ ପାଇଁ କୈଳାସ ଶବର ଜଣେ ଲେଖାଏ ନାମାଙ୍କନପତ୍ର ଦାଖଲ କରିଥିଲେ। ସେମାନଙ୍କ ପ୍ରତିଦ୍ୱନ୍ଦ୍ୱି ନ ଥିବାରୁ ଉଭୟେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ନିର୍ବାଚନ ଅଧିକାରୀ ଭାବେ ମନୋଜ ରତ୍ନାଲୁ ଏବଂ ସହ ନିର୍ବାଚନ ଅଧିକାରୀ ପବୀଣ ପଟ୍ଟନାୟକ ନିର୍ବାଚନ ପରିଚାଳନା କରିଥିଲେ।

## ବାଇକ୍‌କୁ ଧକ୍କାଦେଲା କାର୍, ଜଣେ ମୃତ

ପଟ୍ଟାଙ୍ଗି,୩୦।୩(ଶରତ ଧଳ)

ବିଳମ୍ବିତ ରାତିରେ ଯାତ୍ରା ଦେଖି ଘରୁକୁ ଫେରିବା ବେଳେ ଏକ କାର୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଦେଓପଟ୍ଟାଙ୍ଗି ପଞ୍ଚାୟତ ଲିଙ୍ଗାମଗୁଡ଼ି ଗ୍ରାମର ବିଶ୍ୱନାଥ ଗେମେଲ। ଖବରୁ ଜଣାପଡିଛି, ସୁଙ୍କି ପଞ୍ଚାୟତ ସଦର ମହକୁମାରେ ହେଉଥିବା ମାଁ ଭୈରବୀ ଠାକୁରାଣୀ ଯାତ୍ରା ଦେଖି ଲିଙ୍ଗାମଗୁଡ଼ି ଗ୍ରାମର ବିଶ୍ୱନାଥ ଏବଂ ରାଲେଗଡା ପଞ୍ଚାୟତ ତେଲରାଇ ଗ୍ରାମର ନବୀନ ପାଙ୍ଗୀ ବାଇକ୍ (ଓଡି୧୦ ଟି- ୨୨୧୫) ଯୋଗେ ଶୁକ୍ରବାର ବିଳମ୍ବିତ ରାତିରେ ଘରକୁ ଫେରୁଥିଲେ। ଜାତୀୟ ରାଜପଥର ଟାଙ୍ଗିଣି ଗ୍ରାମ ଛକର ଏକ ବୁଲାଣିଆ ରାସ୍ତାରେ ଦ୍ରୁତଗତିରେ ଆସୁଥିବା ଏକ କାର୍ ସେମାନଙ୍କୁ ଧକ୍କାଦେଇଥିଲା। ଫଳରେ ବାଇକ୍‌ଟି ଏକ କଲଭର୍ଟରେ ପିଟିହୋଇଯାଇଥିଲା। ବିଶ୍ୱନାଥ ଓ ନବୀନ ରାସ୍ତାରେ ଛିଟିକି ପଡ଼ିଥିଲେ। ବାଇକ୍ ଚଲାଉଥିବା ବିଶ୍ୱନାଥଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ନବୀନ ସାମାନ୍ୟ ଆହତ ହୋଇଥିଲେ। ପରେ ସେ ବିଶ୍ୱନାଥଙ୍କୁ ଆମ୍ବୁଲାନ୍ସ ଡକାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଥାନାଧିକାରୀ ଚତୁର୍ଭୁଜ ନାୟକଙ୍କ ନିର୍ଦ୍ଦେଶରେ ପୋଲିସ କର୍ମଚାରୀ ପଟ୍ଟାଙ୍ଗି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାର ତଦନ୍ତ ଜାରିରହିଛି।

## ୬ରୁ ଇଂଲଜିନୀ ଠାକୁରାଣୀଙ୍କ ମଣ୍ଡେଇ ଯାତ୍ରା
## ବାଜିଲା ମଣ୍ଡେଇ ବାଜା

ଧୋଡ୍ରା, ୩୦।୩(ଗଣେଶ ଚନ୍ଦ୍ର ଛତ୍ର)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଧୀନ ଧୋଡ୍ରାଠାରେ ମା ଇଂଲଜିନୀ ଠାକୁରାଣୀଙ୍କ ପ୍ରସିଦ୍ଧ ଧୋଡ୍ରା ମଣ୍ଡେଇ ମହୋତ୍ସବ ପାଳନ କରାଯିବ। ଏ ନେଇ ଶନିବାର ମଣ୍ଡେଇ ବାଜା ବଜାଇ ଡାକରା ଦିଆଯାଇଛି। ଆସନ୍ତା ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ଏହି ଯାତ୍ରା ପାଳନ କରାଯିବ ବୋଲି ସୂଚନା ମିଳିଛି।

ପ୍ରତିବର୍ଷ ଭଳି ପାରମ୍ପରିକ ରୀତିନୀତି ପୂଜାବିଧି ସହ ସମସ୍ତ ବର୍ଗର ଲୋକ ପୂଜାରୀ, ଦିଶାରୀ, ଗାଣ୍ଡା, ଚାଲାଣ, ଗାଉଁଟିଆ, ଏବଂ ମଣ୍ଡେଇ କମିଟି ସମସ୍ତେ ଇଂଲାଜିନୀ ଠାକୁରାଣୀଙ୍କ ପୂଜାରୀ ଭଗବାନ ପୂଜାରୀଙ୍କ ଘରଠାରୁ ଫୁଲ ଡବଲା ଧରି ମଣ୍ଡେଇ ପଡ଼ିଆକୁ ଏକ ପଟୁଆରରେ ଯାଇଥିଲେ। ସେଠାରେ ଭୂମିପୂଜା କରାଯାଇଥିଲା। ମଣ୍ଡେଇକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ସମସ୍ତେ ଠାକୁରାଣୀଙ୍କୁ ଗୁହାରି କରିଥିଲେ। ଗ୍ରାମ ମୁଖିଆ ଗାଣ୍ଡା ଅରୁଣ ପନକା ଧଳା ପୋଷାକ ଓ ଧଳା ପଗଡି ବାନ୍ଧି ପାରମ୍ପରିକ ନିୟମାନୁଯାୟୀ ମଣ୍ଡେଇ ଡାକରା ପାଇଁ ଆଦେଶ ଦେଇଥିଲେ। ଏହି ସମୟରେ ଆଗରେ ବାଜା ଓ ପଛରେ ଗ୍ରାମବାସୀ କମିଟି ସଦସ୍ୟ ଚାଲିଥିଲେ। ଏହାକୁ ଦେଖିବା ପାଇଁ ଅନେକ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।



## ଜିଲା ଚିକିତ୍ସାଳୟକୁ ବିଭିନ୍ନ ସାମଗ୍ରୀ ଦେଲା ଓଏଫ୍‌ଡିସି




ଚିକିତ୍ସାଳୟକୁ ପ୍ରଦାନ କରାଯାଇଥିବା ଉପକରଣ ସମ୍ପର୍କିତ ଚିଠି ପ୍ରଦାନ କରୁଛନ୍ତି ଅଧିକାରୀ ।

ଜୟପୁର, ୩୦।୩ (ପବନ ପାଣିଗ୍ରାହୀ)

ଓଡ଼ିଶା ବନ ଉନ୍ନୟନ ନିଗମ ଲିମିଟେଡ୍ (ଓଏଫ୍‌ଡିସି) ଜୟପୁର ପକ୍ଷରୁ ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟକୁ ବିଭିନ୍ନ ଚିକିତ୍ସା ଉପକରଣ ପ୍ରଦାନ କରାଯାଇଛି। ନିଗମର ଖଣ୍ଡୀୟ ପରିଚାଳକ ସୌଭାଗ୍ୟ ଆନନ୍ଦ ଉପସ୍ଥିତ ଥିଲେ। ଚିକିତ୍ସାଳୟକୁ ୧୦ଟି ହୁଇଲ ଚେୟାର, ୬ଟି ଷ୍ଟ୍ରେଚର ବେଡ୍ ପ୍ରଦାନ କରାଯାଇଛି। ଡିଏମ୍‌ଓ ଦାୟିତ୍ୱରେ ଥିବା ଡାକ୍ତର ଦିଲୀପ କୁମାର ବିଶ୍ୱାଳ ଓ ହସ୍ପିଟାଲ ମ୍ୟାନେଜର ତଥାଗତ ଦାସ ଉପକରଣଗୁଡିକ ଗ୍ରହଣ କରିଥିଲେ। ଏହା ରୋଗୀଙ୍କ କାର୍ଯ୍ୟରେ ଆସିବା ସହ ସେମାନେ ଉପକୃତ ହେବେ ବୋଲି ଚିକିତ୍ସାଳୟର ଅଧିକାରୀମାନେ ପ୍ରକାଶ କରିଛନ୍ତି। ଏହି ସମୟରେ ଉପଖଣ୍ଡୀୟ ପରିଚାଳକ ରାଜେନ୍ଦ୍ର ନାରାୟଣ ଷଡ଼ଙ୍ଗୀଙ୍କ ସହ ଜିଲା ଚିକିତ୍ସାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଚୋରି ମାମଲାର ପର୍ଦ୍ଦାଫାଶ, ୧.୫ ଲକ୍ଷ, ଅଳଙ୍କର ଜବତ:ଜଣେ ଗିରଫ

ଜେକେପୁର,୩୦।୩(ନିଧି ଗାଣ୍ଡେଚା)

ମାମଲା ରୁଜୁ ହେବାର ୪୮ଘଣ୍ଟା ମଧ୍ୟରେ ଚୋରି ମାମଲାର ପର୍ଦ୍ଦାଫାଶ କରିଛି ଚାନ୍ଦିଲି ପୋଲିସ । ମାମଲାର ତଦନ୍ତ କରି ପୋଲିସ ଜଣକୁ ଗିରଫ କରିଛି। ତାଙ୍କ ନାମ ପ୍ରଦୀପ ଜେନା। ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁର ସହରର ଆଜାଦ୍ ନଗରରରେ ତାଙ୍କ ଘର। ଅଭିଯୁକ୍ତଙ୍କଠାରୁ ନଗଦ ୧ଲକ୍ଷ ୫୦ହଜାର ଟଙ୍କା, ଦୁଇଟି ବାଇକ୍, ଏକ ହଳ ସୁନା କାନଫୁଲ, ଏକ ହଳ ନାକ ଡାଲି, ୧୧ଟି ପାଉଁଜି, ୨ଟି ରୁପା ଚେନ୍ ଏବଂ ୫ଟି ମୁଦି ଜବତ କରିଛି । ଏଥିରେ ସମ୍ପୃକ୍ତ ଅନ୍ୟଜଣଙ୍କୁ ଖୋଜା ଚାଲଥିବା ଶନିବାର ଚାନ୍ଦିଲି ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସଡିପିଓ ରଶ୍ମିରଞ୍ଜନ ସେନାପତି ସୂଚନା ଦେଇଛନ୍ତି। ପୋଲିସର ସୂଚନା ଅନୁସାରେ ଘରୁ ଚୋରି ନେଇ ଜେକେପୁର ସହରର ଦେବାଙ୍ଗ ସାହିର ଲୋକନ ଶବର ଗୁରୁବାର ଚାନ୍ଦିଲି ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ଆଇଆଇସି ପ୍ରସନ୍ନ ବେହେରା ୯୨/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ।

## ରାଧାକୃଷ୍ଣ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ

ଗୁଡ଼ାରୀ,୩୦।୩ (ପ୍ରମୋଦ କୁମାର ପତି)

ସ୍ଥାନୀୟ ରାଧାକୃଷ୍ଣ ଇଂଲିଶ ମଡିୟମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ବାଳକୃଷ୍ଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଥାନା ଅଧିକାରୀ ସମର୍ପିତା ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧକ୍ଷ ଗୌରୀ ପ୍ରସାଦ ଦାସ ଓ ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଜଗଦିଶ ପାଣିଗ୍ରାହୀ,ସନ୍ତୋଷ ତୁଳ, ବୈକୁଣ୍ଠ ରାଓ ଉପସ୍ଥିତ ଥିଲେ। ମଞ୍ଚାସୀନ ଅତିଥିଙ୍କୁ ଛାତ୍ରୀଛାତ୍ରମାନେ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଭଲ ପାଠପଢି ବିଦ୍ୟାଳୟ ଏବଂ ନିଜ ପରିବାରର ନାମ ଉଜ୍ଜ୍ୱଳ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟ ଅଧକ୍ଷ ବାଳକୃଷ୍ଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ର ସମସ୍ତ ଶିକ୍ଷୟତ୍ରୀ, ଶିକ୍ଷକ, ଛାତ୍ରୀ ଛାତ୍ର ଏବଂ ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ ।

## ଜୟପୁର ବନାଞ୍ଚଳ ଅଧୀନରେ ୩ ସ୍ଥାନରେ ନିଆଁ

ଜୟପୁର, ୩୦।୩(ପବନ ପାଣିଗ୍ରାହୀ)

ଜୟପୁର ବନାଞ୍ଚଳ ଅଧୀନରେ ଥିବା ଜଙ୍ଗଲରେ ଶନିବାର ୩ଟି ସ୍ଥାନରେ ନିଆଁ ଲାଗିଛି। ଜୟପୁର ବ୍ଲକ ଅନ୍ତର୍ଗତ ନାକଟି ଡଙ୍ଗର, ଧଉଡାପଦର ଓ ଘାଟବାଗରା ଜଙ୍ଗଲରେ ଏହି ନିଆଁ ଲାଗିଛି । ନିଆଁରେ ପାହାଡ ଓ ଜଙ୍ଗଲରେ ଥିବା ଔଷଧୀୟ ବୃକ୍ଷ, ବିଭିନ୍ନ ପ୍ରଜାତିର ଗଛ ପୋଡି ଯାଇଥିବା ଦେଖିବାକୁ ମିଳିଛି। ଜୟପୁର ବନ ବିଭାଗ ସୂଚନା ପାଇ ବନାଞ୍ଚଳ ଅଧିକାରୀ ସଚିଦା ନନ୍ଦ ପରିଡାଙ୍କ ନେତୃତ୍ୱରେ କର୍ମଚାରୀମାନେ ଉପରୋକ୍ତ ୩ ଜଙ୍ଗଲରେ ପହଞ୍ଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଜାରି ରଖିଥିବା ଜଣାପଡିଛି।



ଜଙ୍ଗଲରେ ଲାଗିଥିବା ନିଆଁକୁ କର୍ମଚାରୀ ଲିଭାଉଛନ୍ତି।

## ଏପ୍ରିଲ ୩ରୁ ରାଜ୍ୟସ୍ତରୀୟ ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବ

- ■ ୧୨ ଜିଲାରୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ନାଟ୍ୟଦଳ
- ■ ଏପ୍ରିଲ ୭ରେ ବିଦ୍ୟାଳୟସ୍ତରୀୟ ନାଟକ ସମାରୋହ

ଦାମନଯୋଡି,୩୦।୩ (ମାନସ ରଞ୍ଜନ କର)

ପ୍ରତିବର୍ଷ ଭଳି ଦାମନଯୋଡି ନାଲ୍‌କୋ ଟାଉନଶିପସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବ ପକ୍ଷରୁ ଅଷ୍ଟାଦଶତମ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା ଏପ୍ରିଲ ୩ରୁ ଆରମ୍ଭ ହେବ। ଏହା ଏପ୍ରିଲ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଚାଲିବ। ଏନେଇ ନାଲକୋ କ୍ଲବଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ନାଟ୍ୟ ମହୋତ୍ସବ ପରିଚାଳନା କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ନାଟକ ପ୍ରତିଯୋଗିତାରେ ଚଳିତବର୍ଷ ସୁନାବେଡ଼ା, ସୁନ୍ଦରଗଡ଼, ଅନୁଗୁଳ, ଜୟପୁର, ସମ୍ବଲପୁର, କଟକ, ଖୋର୍ଦ୍ଧା, ବାଲେଶ୍ୱର, ରାଉରକେଲା, ଯାଜପୁର, ଭୁବନେଶ୍ୱର, ଦେବଗଡ଼ ଆଦି ଜିଲାରୁ ନାଟ୍ୟ ଅନୁଷ୍ଠାନମାନେ ଅଂଶଗ୍ରହଣ କରି ନାଟକ ପରିବେଷଣ କରିବେ। ଏଥିସହ ଏପ୍ରିଲ ୭ତାରିଖ ସନ୍ଧ୍ୟାରେ ବିଦ୍ୟାଳୟସ୍ତରୀୟ ନାଟକ ସମାରୋହ ହେବ। ଏଥିରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନାଟକ ପରିବେଷଣ କରିବେ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏପ୍ରିଲ ୧୩ ସନ୍ଧ୍ୟାରେ ଏହି ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ କୁହାଯାଇଛି। ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବ ପରିଚାଳନା କମିଟିର ସଭାପତି ତଥା ନାଲ୍‌କୋ ଡିଜିଏମ ନିରାକାର ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଖବରଦାତା ସମ୍ମିଳନୀରେ କମିଟି ସମ୍ପାଦକ ଶିଶିର ମିଶ୍ର, ପ୍ରଭାତ ଦାଶ,ନିର୍ମଳ ରାଉତ, ରଞ୍ଜୟ କାନୁନଗୋ, ସୁନିଲ ଦାଶ,ଚିତ୍ତରଞ୍ଜନ ଦାଶ, ମନୋଜ ପୃଷ୍ଟି, ଶ୍ରୀକାନ୍ତ ସାହୁପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି ।

# ଜମିକୁ ପାଣି ଯୋଗାଇବା ଦାବିରେ ଚାଷୀଙ୍କ ରାସ୍ତାରୋକୋ

ଉମରକୋଟ, ୩୦।୩(ସନ୍ତୋଷ ଶତପଥୀ)

ଚାଷଜମିକୁ ଆବଶ୍ୟକତା ଅନୁଯାୟୀ ପାଣି ଯୋଗାଇଦେବା ଦାବିରେ ଶନିବାର ଚାଷୀମାନେ ନବରଙ୍ଗପୁର ଜିଲା ଉମରକୋଟ ସ୍ଥିତ ଦରଗାଗୁଡ଼ାଠାରେ ରାଜ୍ୟ ରାଜପଥ ୪୦ ଅବରୋଧ କରିଥିଲେ। ପ୍ରାୟ ୨ ଘଣ୍ଟା ଚାଷୀମାନେ ରାସ୍ତାରୋକୋ କରିଥିଲେ। ଫଳରେ ଉମରକୋଟରୁ ରାଇଘର ଯିବା ଆସିବାରେ ଅସୁବିଧା ହୋଇଥିଲା। ଏହି ଖବରପାଇ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ରେଣୁକା ଠାକୁର ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଚାଷୀଙ୍କ ରାସ୍ତାରୋକୋ ହଟିଥିଲା।

ଉମରକୋଟରେ ରହିଥିବା ଭାସ୍କେଲ ଡ୍ୟାମ୍‌ରୁ ଚାଷଜମିକୁ ପାଣି ମିଳିଥାଏ। ଏହି ଡ୍ୟାମ୍‌ରେ ଦକ୍ଷିଣ ପାର୍ଶ୍ୱ ଓ ଗୋଟିଏ ବାମ ପାର୍ଶ୍ୱ ନାମରେ ୨ଟି ଫାଟକ ରହିଛି। ଚଳିତ ବର୍ଷ ବାମପାର୍ଶ୍ୱ କେନାଲରେ ଆବଶ୍ୟକ ପରିମାଣର ଜଳ ଯୋଗାଣ ହୋଇପାରୁନାହିଁ। ଫଳରେ ସେହି ସବୁ ଅଞ୍ଚଳରେ ହୋଇଥିବା ଧାନ ଓ ମକାଚାଷ ନଷ୍ଟହେବାକୁ ବସିଲାଣି। ତେଣୁ ତଳ ଅଞ୍ଚଳରେ ଥିବା ଚାଷୀଙ୍କ ଜମିକୁ ଆବଶ୍ୟକ ପରିମାଣରେ ପାଣି ଯୋଗାଇ ଦେବା ଦାବିକରି ଚାଷୀମାନେ ଉମରକୋଟରୁ ରାଇଘରକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥ ୪୦ର ଦର୍ଗାଗୁଡ଼ାରେ ରାସ୍ତାରୋକୋ କରିଥିଲେ। ଜଳସେଚନ ବିଭାଗର ଅଧିକାରୀ କ୍ଷେତ୍ର ପରିଦର୍ଶନରେ ଆସୁ ନ ଥିବାବେଳେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କେନାଲ ଓ ଦଳ ସଫା କରାଯାଉ ନାହିଁ, ମୁଖ୍ୟ କେନାଲର ପାର୍ଶ୍ୱ କେନାଲ ମରାମତି ହେଉ ନ ଥିବା ଚାଷୀ ଅଭିଯୋଗ କରିଥିଲେ। ବାରମ୍ବାର ଏହିଭଳି ସମସ୍ୟା ହେଉଥିବାବେଳେ ଏହାର ସ୍ଥାୟୀ ସମାଧାନ କରାଯାଉ ନ ଥିବାରୁ ବାଧ୍ୟହୋଇ ଆନ୍ଦୋଳନ କରାଯାଇଛି ବୋଲି ଚାଷୀମାନେ କହିଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଥାନାଧିକାରୀ ଡମ୍ବରୁଧର ପ୍ରଧାନ, ଏସ୍‌ଆଇ ସୌମେନ୍ଦ୍ର ସେଠ, ଅକ୍ଷୟ ମିଶ୍ର ଓ ପୋଲିସ ଫୋର୍ସ ଉପସ୍ଥିତ ଥିଲେ। ଖବରପାଇ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ରେଣୁକା ଠାକୁର ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। କେନାଲ ସଫା କାମ ରବିବାରଠାରୁ ଆରମ୍ଭ କରାଯିବ ବୋଲି ସେ କହିଥିଲେ। ବିଭାଗର କର୍ମଚାରୀ କ୍ଷେତ୍ର ପରିଦର୍ଶନକରି କେଉଁଠି ପାଣି ପହଞ୍ଚିବାରେ ଅସୁବିଧା ହୋଉଛି ତାହାର ତଦାରଖ କରୁଛନ୍ତି। ମୋଟ ୧୩ କି.ମି. କେନାଲରୁ ୮ କି.ମି. ପାଣି ଆସୁଛି। ସବୁ ଜମିକୁ କିପରି ଭରପୂର ପରିମାଣରେ ପାଣି ପହଞ୍ଚିବ ସେ ନେଇ ଚେଷ୍ଟା କରାଯିବ ବୋଲି ସହକାରୀ ଯନ୍ତ୍ରୀ ରେଣୁକା ଠାକୁର କହିଛନ୍ତି। କଂକ୍ରିଟ ଲାଇନିଂ ପାଇଁ ଆପ୍ରୁଭାଲ ହୋଇଛି ଆସନ୍ତା ବର୍ଷ କାମ ଆରମ୍ଭ କରାଯିବ। ପରେ ସମସ୍ୟାର ସ୍ଥାୟୀ ସମାଧାନ ହୋଇଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଚାଷୀଙ୍କୁ ବୁଝାଶୁଝା କରିବାରୁ ୨ ଘଣ୍ଟା ପରେ ସେମାନେ ରାସ୍ତାରୁ ହଟିଥିଲେ।


ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି।

## ଡାବୁଗାଁରେ ପୋଲିଂ ଅଧିକାରୀଙ୍କୁ ତାଲିମ


ବିଡିଓ ଏବଂ ଅନ୍ୟ ଅଧିକାରୀମାନେ ତାଲିମ ଦେଉଛନ୍ତି।

ଡାବୁଗାଁ, ୩୦।୩ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ସରକାରୀ (ଏସ୍‌ଏସ୍‌ଡି) ବାଳିକା ଉଚ୍ଚ ବିଦ୍ୟାଳୟରେ ପୋଲିଂ ଅଧିକାରୀଙ୍କୁ ତାଲିମ ଦିଆଯାଇଛି। ନିର୍ବାଚନ ସମୟରେ ଇଭିଏମ୍ ପରିଚାଳନା ଓ ନିର୍ବାଚନୀ ସମ୍ବନ୍ଧୀୟ କାଜଗପତ୍ର କାର୍ଯ୍ୟ ପରିଚାଳନା ଉପରେ ତାଲିମ ଦିଆଯାଇଥିଲା। ଏଥିରେ ଡାବୁଗାଁ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ଡାବୁଗାଁ, ପାପଡ଼ାହାଣ୍ଡି ଓ କୋଷାଗୁମୁଡ଼ା ବ୍ଲକରୁ ମୋଟ ୨୩୧ ଜଣ ପୋଲିଂ ଅଧିକାରୀ ତାଲିମ ନେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ପ୍ରିଜାଇଡିଂ, ୧ମ ପୋଲିଂ, ୨ୟ ପୋଲିଂ, ୩ୟ ପୋଲିଂ, ୪ର୍ଥ ପୋଲିଂ ଓ ୫ମ ପୋଲିଂ ଅଧିକାରୀଙ୍କୁ ତାଲିମ ଦିଆଯାଇଥିଲା। ଏଥିରେ ଡାବୁଗାଁ ବିଡିଓ ଶରତ ମାଝି, ତହସିଲଦାର ହରିଓମ୍ ଭୋଇ, ଏବିଡିଓ ପଦ୍ମନାଭ ତ୍ରିପାଠୀ, କୋଷାଗୁମୁଡ଼ା ବିଡିଓ ଆଶିଷ ରଞ୍ଜନ ତ୍ରିପାଠୀ, କୋଡିଗାଁ ତହସିଲଦାର ସୁବ୍ରତ ବେହେରା, ପାପଡ଼ାହାଣ୍ଡି ବିଡିଓ କପିଳଦେବ ସାହୁ, ତହସିଲଦାର ତପନ ନାୟକ, ଡାବୁଗାଁ ବ୍ଲକ ସହକାରୀ ଯନ୍ତ୍ରୀ ଆନନ୍ଦ କୁମାର ମଣ୍ଡଳ, କୋଡିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଅଖିଳ କୁମାର ଭଞ୍ଜ, ଅଧାପକ ପଞ୍ଚାନନ ତୁରୀ, ରବିନାରାୟଣ ପାଣିଗ୍ରାହୀ, ମଇଦଲପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧାପକ ବାଳକୃଷ୍ଣ ବିଷୋୟୀ ପ୍ରମୁଖ ତାଲିମ ଦେଇଥିଲେ। ଡାବୁଗାଁ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ପଞ୍ଚାୟତ ନିର୍ବାହୀ ଅଧିକାରୀ ପର୍ଶୁରାମ ମାଳୀ ଏହି ଶିବିର ପରିଚାଳନା କରିଥିବାବେଳେ ବ୍ଲକ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୨୦ ଲିଟର ଦେଶୀମଦ ଜବତ, ୯୦୦ ଲିଟର ପୋଚ ନଷ୍ଟ

ପାପଡ଼ାହାଣ୍ଡି,୩୦।୩(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ମଇଦଲପୁର ଥାନା ଅଧୀନ କଣ୍ଟାସାରୁ ଗ୍ରାମରେ ଶନିବାର ଅବକାରୀ ପୋଲିସ ଚଢ଼ାଉ କରିଛି। ଏହି ସମୟରେ ୯୦୦ଲିଟର ପୋଚ ନଷ୍ଟ କରାଯାଇଥିବା ବେଳେ ୨୦ଲିଟର ଦେଶୀ ମଦ ଜବତ କରାଯାଇଛି। ଜିଲା ଅବକାରୀ ଅଧୀକ୍ଷକ ଅଭିରାମ ବେହେରାଙ୍କ ନିର୍ଦ୍ଦେଶରେ ନବରଙ୍ଗପୁର ଇନ୍ସପେକ୍ଟର ଦିଲୀପ ରଥଙ୍କ ନେତୃତ୍ୱରେ ପାପଡ଼ାହାଣ୍ଡି ଓଆଇସି ଦେଶରାଜ ସୁନା, ଏଏସ୍‌ଆଇ ସନୁ ସେଠିଆ, କନଷ୍ଟେବଳ ଗୋତୁଲ ନାୟକ, ଉତ୍ତମ ମହାକୁଡ଼ ଓ କାଳିମନୀ ମୁଦୁଲି ପ୍ରମୁଖ ଚଢ଼ାଉ କରିଥିଲେ।

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଦଶମନ୍ତପୁର,୩୦।୩ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତସ୍ଥିତ ମାଣ୍ଡିଆଗୁଡ଼ା ଗ୍ରାମରେ ଜଣେ ଯୁବକଙ୍କ ବିଦ୍ୟୁତ୍ ଆଘାତରେ ଶନିବାର ମୃତ୍ୟୁ ହୋଇଛି। ତାଙ୍କ ନାମ ମଧୁ ମିଣିଆକା(୩୦)। ମଧୁ ସକାଳ ୯ଟାରେ ନିଜ ପଡ଼ିଶା ଘର ଡାଳିମ୍ବ ଜାନିଙ୍କ ଘରେ ବିଦ୍ୟୁତ୍ ସମସ୍ୟା ଥିବାରୁ ଏହାକୁ ସଜାଡୁଥିଲେ। ଏହି ସମୟରେ ହଠାତ୍ ମଧୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦୂରକୁ ଛିଟିକି ପଡ଼ିଥିଲେ। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମଧୁଙ୍କ ସ୍ତ୍ରୀ ଓ ଏକ ୩ ବର୍ଷର ଶିଶୁ ସନ୍ତାନ ରହିଛି। ତାଙ୍କ ପରିବାର ଅତି ଗରିବ ହୋଇଥିବାରୁ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଇଲେକ୍ଟ୍ରି ଅଫିସରେ ଶୋଇଲେ ଉତ୍ୟକ୍ତ ଲୋକ

**ଅଘୋଷିତ ବିଦ୍ୟୁତ୍ କାଟ ବିରୋଧରେ ପୌରାଧକ୍ଷ, ବ୍ୟବସାୟୀ, ଯୁବଗୋଷ୍ଠୀଙ୍କ ଅଭିନବ ପ୍ରତିବାଦ**




ନବରଙ୍ଗପୁର,୩୦।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ପାରଦ ୪୦ ଡିଗ୍ରୀ ଛୁଇଁବାକୁ ବସିଲାଣି। ଅନ୍ୟ ପଟେ ଅଘୋଷିତ ବିଜୁଳି କାଟକୁ ଲୋ ଭୋଲ୍‌ଟେଜ୍ ସମସ୍ୟା ଲୋକଙ୍କୁ ଅତିଷ୍ଠ କରୁଛି। ଗରମରୁ ମୁକ୍ତି ପାଇବାକୁ ଫ୍ୟାନ୍ ମଧ ବୁଲୁନାହିଁ। ଏଣୁ ଉତ୍ୟକ୍ତ ଖାଉଟି ଟିପିଏସ୍‌ଓଡିଏଲ୍ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ଭିତରେ ବିଛଣା ପକାଇ ବସିବା ସହ ଶୋଇଥିଲେ। ଲୋ ଭୋଲ୍‌ଟେଜ ଓ ଅନ୍ୟ ସମସ୍ୟାକୁ ନେଇ ଟାଟା ପାୱାର କାର୍ଯ୍ୟାଳୟରେ ସେମାନେ ଅଭିନବ ପ୍ରତିବାଦ କରିଥିଲେ। ଏହି ବିକ୍ଷୋଭରେ ବଣିକ ସଂଘ ସଭାପତି କାହ୍ନୁ ଦାଶ, ପୌରାଧକ୍ଷ କୁନୁ ନାୟକଙ୍କ ସହ ବହୁ ବ୍ୟବସାୟୀ ଏବଂ ସ୍ଥାନୀୟ ଯୁବକ ସାମିଲ ହୋଇଥିଲେ। ଖରା ବଢ଼ିବା ସହ ଲୋ ଭୋଲ୍‌ଟେଜ ସମସ୍ୟା ବଢୁଛି। ଏନେଇ ବିଭାଗୀୟ କର୍ମଚାରୀଙ୍କୁ ବାରମ୍ବାର ଅବଗତ କରାଇଲେ ମଧ କୌଣସି ସୁଫଳ ମିଳିପାରିନାହିଁ । ଲୋ ଭୋଲ୍‌ଟେଜ ସମସ୍ୟାରେ ଅତିଷ୍ଠ ହୋଇ ପ୍ରତିବାଦ କରୁଥିବା ସେମାନେ କହିଛନ୍ତି। ୧୫ ଦିନ ମଧ୍ୟରେ ସମସ୍ୟା ସମାଧାନ କରାଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ସମସ୍ତେ ଧାରଣାରୁ ଉଠିଥିଲେ।

## ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଉମରକୋଟ, ୩୦।୩ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ଅତିରିକ୍ତ ଜିଲା ଦୌରା ଜଜ୍ ଗିରିଜା ପ୍ରସାଦ ମହାପାତ୍ର ଜଣେ ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଅର୍ଥ ଦଣ୍ଡ ମଧ୍ୟ ଦିଆଯାଇଛି। ଅଭିଯୁକ୍ତ ହେଲେ ରାଇଘର ନିକଟ କୁମୁଲି ଗ୍ରାମରଭବତୋସ ଭଦ୍ର। ରାଇଘର ନିକଟସ୍ଥ କୁମୁଲି ଗ୍ରାମର ଦୀପାଙ୍କର ବିଶ୍ୱାସ ଓ ଭବତୋସ ଭଦ୍ରଙ୍କ ପୂର୍ବ ଶତ୍ରୁତା ଥିଲା। ୨୬ ଅଗଷ୍ଟ ୨୦୧୭ରେ ସନ୍ଧ୍ୟା ୭ ଟାରେ ଗ୍ରାମ ନିକଟସ୍ଥ ଖେଳ ପଡ଼ିଆରେ ଦୀପାଙ୍କରଙ୍କୁ ଏକୁଟିଆ ବୁଲୁଥିବା ଦେଖି ଭବତୋଶ ଏକ ଟାଙ୍ଗିଆ ଆଣି ତାଙ୍କୁ ଆକ୍ରମଣ କରିଥିଲେ। ଦୀପାଙ୍କରଙ୍କ ପରିବାର, ଦାଦା ଖକନ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଦିପାଙ୍କରଙ୍କୁ ଆକ୍ରମଣକାରୀଙ୍କ ସମ୍ପର୍କରେ ପଚାରିବାରୁ ସେ ଭବତୋଷଙ୍କ ନାଁ ନେଇଥିଲେ। ସମସ୍ତେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉମରକୋଟ ହସ୍ପିଟାଲ୍ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ବିଶାଖାପାଟଣା ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ତେବେ ବିଶାଖାପାଟଣା ନେବା ବାଟରେ ସେ ଗୁରୁତର ହେବାରୁ ପରିବାର ଲୋକେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହତ୍ୟା ଘଟଣା ଘଟିବା ଦିନ ହିଁ ରାଇଘର ପୋଲିସ ଭବତୋଶଙ୍କୁ ଗିରଫ କରିଥିଲା। ସେବେଠାରୁ ସେ ଜେଲରେ ଥିଲେ। ଶନିବାର ସମସ୍ତ ସାକ୍ଷ ପ୍ରମାଣକୁ ଗ୍ରହଣ କରି ଉମରକୋଟ ଅତିରିକ୍ତ ଜିଲା ଦୌରା ଜଜ୍ ଗିରିଜା ପ୍ରସାଦ ମହାପାତ୍ର ଭବତୋସଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଉମରକୋଟର ବରିଷ୍ଠ ସରକାରୀ ଓକିଲ ଝାଡ଼େଶ୍ୱର ମହାନ୍ତି ମକଦ୍ଦମା ପରିଚାଳନା କରୁଥିଲେ।

## ସମସ୍ତେ ଏକାଠି ହୋଇ ଓଡ଼ିଶା ଦିବସ ପାଳିବାକୁ ପରାମର୍ଶ



କାର୍ଯ୍ୟକ୍ରମରେ ଅତିଥି, ଉତ୍କଳ ପରିଷଦ ସଦସ୍ୟ ଓ ଅନ୍ୟମାନେ।

ନବରଙ୍ଗପୁର,୩୦।୩(ସଦାଶିବ ପ୍ରହରାଜ)

**ଉତ୍କଳ ପରିଷଦର ପ୍ରସ୍ତୁତି ବୈଠକ, ବଳିଦାନ ଦିବସ**

ଓଡ଼ିଶା ଦିବସ ୨୦୨୪ ପାଳନ ଉପଲକ୍ଷେ ଉତ୍କଳ ପରିଷଦ ତରଫରୁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ତୃପ୍ତି ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଓ ଶହୀଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ମଧ୍ୟ ପାଳନ କରାଯାଇଛି। ଅନୁଷ୍ଠାନର ସଭାପତି ବିଜୟ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସାଙ୍ଗଠନିକ ସମ୍ପାଦକ ଅଧ୍ୟାପକ ଅଖିଳ କୁମାର ଭଞ୍ଜ ସ୍ୱାଗତ ଭାଷଣ ପ୍ରଦାନକରି ଅତିଥିମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ଓ ଉପଦେଷ୍ଟା ଦେବେନ୍ଦ୍ର ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ଅବିଭକ୍ତ କୋରାପୁଟର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଉକ୍ତ ବୈଠକରେ ଅନୁଷ୍ଠାନର ଉପସଭାପତି ପ୍ରଭାସିନୀ ମହାନ୍ତି, ଜଗଦୀଶ ଚନ୍ଦ୍ର ତ୍ରିପାଠୀ ଓ ଯୁବ କବି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଶହୀଦ ଲକ୍ଷ୍ମଣ ନାୟକଙ୍କ ତ୍ୟାଗପୂତ ଜୀବନ ଓ ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍କଳ ପରିଷଦର ସମସ୍ତ ନବ ନିର୍ବାଚିତ କର୍ମକର୍ତ୍ତା ଓଡ଼ିଆ ସଂସ୍କୃତି, ଐତିହ୍ୟ, ଭାଷା ଓ ସାହିତ୍ୟର ସୁରକ୍ଷା ଓ ସମୃଦ୍ଧି ପାଇଁ ଶପଥ ନେଇଥିଲେ। ଯୁଗ୍ମ ସମ୍ପାଦକ ମନୋଜ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ସମସ୍ତେ ଏକାଠି ଆନନ୍ଦ ଉଲ୍ଲାସର ସହ ଓଡ଼ିଶା ଦିବସ ପାଳନ କରି ଅନୁଷ୍ଠାନକୁ ଆଗକୁ ନେବା ପାଇଁ ମୁଖ୍ୟ ଉପଦେଷ୍ଟା ମତ ଦେଇଥିଲେ। ବୈଠକରେ ଅନୁଷ୍ଠାନର ପି. ରବିକାନ୍ତ ରଘୁରାମ, ଦାଶରଥି ପଟ୍ଟନାୟକ, ବେନୁଗୋପଳ ରାଓ , ଶରତ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇଥିଲେ। ଅଧିବକ୍ତା ଗୋପାଳ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ବାଇକ୍ ଦୁର୍ଘଟଣାରେ ଶିକ୍ଷକ ମୃତ

ନବରଙ୍ଗପୁର,୩୦।୩(ସଦାଶିବ ପ୍ରହରାଜ)

ବାଇକ୍ ଦୁର୍ଘଟଣାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନନ୍ଦାହାଣ୍ଡି ବ୍ଲକ ମାଝିଗୁଡ଼ା ଗାଁର ପ୍ରଫୁଲ୍ଲ ବୈପାରି (୫୫)। ସେ ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳଗୁମ୍ମା ପଞ୍ଚାୟତ ଅଧୀନ ଭରଣପୁର ନିକଟ ଏସ୍.ମଲିଗୁଡ଼ା ବିଦ୍ୟାଳୟରେ ଶିକ୍ଷକଭାବେ କାମ କରୁଥିଲେ। ସୂଚନାନୁଯାୟୀ, ଶିକ୍ଷକ ପ୍ରଫୁଲ୍ଲ ବାଇକ୍ ନମ୍ବର (ଓଡି-୨୪ଡି-୫୨୩୧)ରେ ଘରକୁ ଫେରୁଥିଲେ। ଏହି ସମୟରେ କେସିରିଗୁଡ଼ା ନିକଟ ପେଟ୍ରୋଲ ପମ୍ପ ନିକଟରେ ଅନ୍ୟ ଏକ ବାଇକ୍ ସହ ତାଙ୍କର ଧକ୍କାହୋଇଥିଲା। ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ଗାଡ଼ି ନେଇ ଫେରାର ହୋଇଯାଇଥିବା ଥାନାରେ ଅଭଯୋଗ ହୋଇଛି। ନବରଙ୍ଗପୁର ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ କେସ୍ ନମ୍ବର ୧୪୩/୨୪ରେ ଏକ ମାମଲା ରୁଜୁ ହୋଇଛି। ଏସ୍‌ଆଇ ଦେବାଶିଷ ସାହୁ ଘଟଣାର ତଦନ୍ତ କରୁଛନ୍ତି।

## ଦୁର୍ଗାଭଟ୍ଟା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୩୦।୩ (ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅନ୍ତର୍ଗତ ଦୁର୍ଗାଭଟ୍ଟା ଜଙ୍ଗଲରେ ଶନିବାର ଅବକାରୀ ବିଭାଗ କର୍ମଚାରୀମାନେ ଚଢ଼ାଉ କରିଛନ୍ତି। ଦେଶୀ ମଦ ପ୍ରସ୍ତୁତକରି ଲୁଚାଇ ରଖିଥିବା ସୂଚନା ପାଇ ଏହି ଚଢ଼ାଉ କରାଯାଇଥିଲା। ତେବେ ଖବର ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। ଅବକାରୀ କର୍ମଚାରୀମାନେ ୨୫ ଶହ ଲିଟର ପୋଚ ଓ ୧୪୦ ଲିଟର ଦେଶୀ ମଦ ଜବତକରି ନଷ୍ଟ କରି ବହୁ ମଦ ଭାଟି ଭାଙ୍ଗି ଫେରିଥିବା ଅବକାରୀ ନିରୀକ୍ଷକ ଶଶିକାନ୍ତ ଦଖ କହିଛନ୍ତି।

# କୁହୁରାକୋଟ ଗ୍ରାମବାସୀଙ୍କ ଭୋଟ ବର୍ଜନ ଚେତାବନୀ

ଝରିଗାଁ,୩୦।୩(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବାଣୁଆଗୁଡ଼ା ପଞ୍ଚାୟତ ଅଧୀନ କୁହୁରାକୋଟ ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ରହିଛି। ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଏହିସବୁ ଦାବି ପୂରଣ ନ ହେଲେ ଭୋଟ ବର୍ଜନ କରିବେ ବୋଲି ଗ୍ରାମବାସୀ ଶନିବାର ଏକ ବୈଠକ କରି ଚେତାବନୀ ଦେଇଛନ୍ତି।

କୁହୁରାକୋଟ ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ପାଇଁ ଗ୍ରାମବାସୀ ଦୀର୍ଘ ବର୍ଷ ଧରି ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କ ନିକଟରେ ଦାବିକରି ଆସୁଛନ୍ତି। କିନ୍ତୁ ଏବେ ଯାଏ କୁହୁରାକୋଟ ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କୁହୁରାକୋଟ ଗ୍ରାମରେ ଥିବା ସ୍କୁଲର ସମସ୍ୟା ପ୍ରତି ଶିକ୍ଷା ବିଭାଗ ଗୁରୁତ୍ୱ ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୬୯ ଛାତ୍ରୀଛାତ୍ର ପଢୁଥିବାବେଳେ ଶ୍ରେଣୀଗୃହ ମାତ୍ର ଦୁଇଟି ରହିଛି। ଫଳରେ ପିଲାଙ୍କ ପଢ଼ିବାରେ ସମସ୍ୟା ହେଉଛି। ସେହିପରି ବିଦ୍ୟାଳୟରେ ପ୍ରଶାସନ ପକ୍ଷରୁ ପାଚେରି ନିର୍ମାଣ ହୋଇନାହିଁ। ଗ୍ରାମବାସୀଙ୍କ ଉଦ୍ୟମରେ ବିଦ୍ୟାଳୟ ଚାରିପଟ ଅସ୍ଥାୟୀ ଲୁହାର ପାଚେରି ନିର୍ମାଣ କରାଯାଇଛି। ନିର୍ବାଚନ ପୂର୍ବରୁ ଏହିସବୁ ଦାବି ପୂରଣ ନ ହେଲେ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଶନିବାର ଏକ ବୈଠକ କରି ଚେତାବନୀ ଦେଇଛନ୍ତି। ବୈଠକରେ ଡମ୍ବୁ ପନକା, ରାଇସିଂ ନାୟକ, ନରସିଂହ ମାଝି, ମାନସାଇ ଗୌଡ଼, ନୀଳକଣ୍ଠ ପନକା, ମନବୋଧ ଗଣ୍ଡ, ସୁବାସ ସାଗର, ଧରମ ଗଣ୍ଡ, ଗୋବିନ୍ଦ ହରିଜନ, କମଳା ମାଝି, ମତି ଗଣ୍ଡ, ଚିନ୍ତା ପନକା, ସୁଭଦ୍ରା ଗୌଡ଼, ଶୁକ କଳାର, ଲକ୍ଷ୍ମୀ କଳାର, ବାଳିକା ହରିଜନ, ପଦ୍ମିନୀ ହରିଜନ ପ୍ରମୁଖ ସହ କୁହୁରାକୋଟ ଗ୍ରାମର ପ୍ରାୟ ୩ଶହ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ।



ଗ୍ରାମର ମହିଳାମାନେ ଦାବି ସମ୍ପର୍କରେ ଜଣାଉଛନ୍ତି।

# ନଳକୂପ ନାହିଁ ତ ଭୋଟ ନାହିଁ

ପାପଡ଼ାହାଣ୍ଡି,୩୦।୩(ସ୍ୱପ୍ନଜିତ ପଟ୍ଟନାୟକ)

ଗ୍ରାମର ୧୦୦୦ ଲୋକଙ୍କ ଲାଗି ରହିଛି ଦୁଇଟି ନଳକୂପ। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ସେଥିରୁ ବି ପାଣି ଠିକ୍‌ରେ ବାହାରୁନାହିଁ। ପାନୀୟ ଜଳ ଓ ନିତ୍ୟ ବ୍ୟବହାର୍ଯ୍ୟ ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ନିର୍ବାଚନ ଆସିଲେ ନଳକୂପ ଖୋଳିବା ଲାଗି ଲୋକଙ୍କୁ ପ୍ରତିଶ୍ରୁତି ଦିଆଯାଉଛି। କିନ୍ତୁ ପରେ ସମସ୍ତେ ଏ କଥା ଭୁଲିଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନିର୍ବାଚନ ପୂର୍ବରୁ ଯଦି ଗ୍ରାମରେ ନଳକୂପ ଖୋଳା ନ ଯାଏ ତା'ହେଲେ ଭୋଟ ବର୍ଜନ କରିବେ ବୋଲି ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ନାକଟିଗୁଡା ପଞ୍ଚାୟତ ନୀଳାଦ୍ରିଗୁଡ଼ା ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଚଳିତ ବର୍ଷ ପାଣି ଏକ ଉତ୍କଟ ସମସ୍ୟା ହୋଇପଡିଛି। ଗ୍ରାମର ନୂଆ ସାହି, ପତି ସାହି, ଯାନୀ ସାହି, ନୂଆଁ ସାହି, ବିଷୋୟୀ ସାହିରେ ପ୍ରାୟ ୧୫୦ ପରିବାର ବସବାସ କରନ୍ତି। ସେମାନଙ୍କ ପାଇଁ ୨ଟି ନଳକୂପ ରହିଛି। ତାହାର ପାଣିକୁ ଲୋକେ ପିଇବା ସହ ଅନ୍ୟ କାମରେ ବ୍ୟବହାର କରୁଛନ୍ତି। ନଳକୂପରୁ ପାଣି ନେବା ପାଇଁ ଦିନତମାମ ମହିଳାମାନଙ୍କୁ ବହୁ ସମୟ ଅପେକ୍ଷା କରିବାକୁ ପଡୁଛି। ଏଥିସହ ପାଣି ପାଇଁ ବିଭିନ୍ନ ସମୟରେ ମହିଳାଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଛି । ଗାଁଠାରୁ ୫୦୦ ମିଟର ଦୂରରେ ରହିଥିବା ଗୋଡ଼ିଆଗୁଡା ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ ରହିଛି। ସେଠାରୁ ନୀଳାଦ୍ରୀଗୁଡ଼ା ପାଇଁ ମଧ ପାଇପ ଲାଇନ ବିଛାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରୁନାହିଁ । ବର୍ତ୍ତମାନ ଖରାଦିନ ଚାଲିଥିବା ବେଳେ ନଳକୂପରୁ ପର୍ଯ୍ୟାପ୍ତ ପାଣି ବାହାରୁନାହିଁ। ଲୋକେ ବହୁ ହଇରାଣ ହେଉଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଭୋଟ ଆସିଲେ ଜନ ପ୍ରତିନିଧି ନଳକୂପ ଖନନ ସହ ପାଇପ ଯୋଗେ ଜଳ ଯୋଗାଣ ପ୍ରତିଶ୍ରୁତି ଦେଇଥାନ୍ତି। କିନ୍ତୁ ନିର୍ବାଚନ ସରିଗଲେ କେହି ବି ଏଥି ପ୍ରତି ଗୁରୁତ୍ୱ ଦିଅନ୍ତି ନାହିଁ। ଯଦି ତୁରନ୍ତ ନୂତନ ନଳକୂପ ଖନନ ସହ ଅଚଳ ପାନୀୟ ଜଳ ପ୍ରକଳ୍ପ ମରାମତି କରା ନ ଯାଏ ତେବେ ଆଗାମୀ ସାଧାରଣ ନିର୍ବାଚନରେ ସମସ୍ତେ ଭୋଟ ବର୍ଜନ କରିବେ ବୋଲି ଗାଁର ଡାଳିମ୍ବ ଭତରା, ପଦ୍ମନି ଭତରା, ରୁକମଣି ଭତରା, ଜେମା ମାଝି, ତ୍ରିନାଥ ବିଷୋୟୀ, ପୀତବାସ ଭତରା, ଦାମନି ବିଷୋୟୀ, ଡାଳିମ୍ବ ବିଷୋୟୀ, କ୍ଷୀରମଣି ବିଷୋୟୀ, ସୁଭଦ୍ରା ବିଷୋୟୀ, ତ୍ରିପତି ମାଝି, ସନସାଇ ବିଷୋୟୀ, ପୂର୍ଣ୍ଣଚନ୍ଦ୍ର ବିଷୋୟୀ, ଅର୍ଜୁନ ମାଝି ପ୍ରମୁଖ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।


ପାଣି ନେବାକୁ ଗାଁର ଏକ ନଳକୂପ ନିକଟରେ ମହିଳାଙ୍କ ଭିଡ଼ ଲାଗିଛି।

